

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୬ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 September 2024
Vol.No. 35 ■ No.239 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମୁହଁ ବନ୍ଦ କରିବାକୁ ପୁଲିସ ଯାଚିଥିଲା ଟଙ୍କା : ପୀଡ଼ିତା ବାପା-ମା'ଙ୍କ ସାଙ୍ଘାତିକ ଅଭିଯୋଗ



କୋଲକାତା, ୫/୯ : କୋଲକାତା ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ଏବେବି ଚର୍ଚ୍ଚାରେ ରହିଛି । ପୀଡିତାଙ୍କୁ ନ୍ୟାୟ ଦାବିରେ ଜଳୁଛି ଦେଶ। ଲଗାତର ଜାରି ରହିଛି ବିକ୍ଷୋଭ। ଏହାରି ଭିତରେ କୋଲକାତା ପୁଲିସକୁ ନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଅଭୟାଙ୍କ ବାପା-ମା'। ମୁହଁ ବନ୍ଦ କରିବାକୁ ପୁଲିସ କୁଆଡେ ତାଙ୍କୁ ଟଙ୍କା ଯାଚିଥିବା ସେମାନେ ଅଭିଯୋଗ କରିଛନ୍ତି। ପୀଡିତାଙ୍କ ବାପା-ମା'ଙ୍କ ଅଭିଯୋଗ ମୁତାବକ, କୋଲକାତା ପୁଲିସ ଆରମ୍ଭରୁ ମାମଲାକୁ ଦବାଇବାକୁ ଚେଷ୍ଟା କରିଥିଲା। ମୃତଦେହକୁ ପରିବାର ସଦସ୍ୟଙ୍କୁ ଦେଖିବାକୁ ଅନୁମତି ଦିଆଯାଇନଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ନିଆଯାଇଥିବା ବେଳେ ତାଙ୍କୁ ପୁଲିସ ଷ୍ଟେସନରେ ଅପେକ୍ଷା କରିବାକୁ ପଡିଥିଲା। ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବା ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ ସେମାନଙ୍କୁ ମୁହଁ ବନ୍ଦ ରଖିବାକୁ ଟଙ୍କା ଯାଚିଥିଲେ। ତେବେ ଟଙ୍କା ନେବାକୁ ତୁରନ୍ତ ପରିବାର ଲୋକେ ମନା କରି ଦେଇଥିବା ସେମାନେ ଖୁଲାସା କରିଛନ୍ତି। ପୀଡିତାଙ୍କ ପରିବାର ଲୋକେ କହିଛନ୍ତି ସେମାନେ ଆମକୁ ଧଳା କାଗଜରେ ସାଇନ କରିବାକୁ କହିଥିଲେ, କିନ୍ତୁ ଆମେ ମନା କରି ଦେଇଥିଲୁ। କାଗଜପତ୍ର ଚିରି ଦେଇଥିଲୁ। ସେଠାରେ ୪୦୦ ପୁଲିସ କର୍ମଚାରୀ ଥିଲେ। ଝିଅର ମୃତଦେହକୁ ଦେଖିବାକୁ ଚାହୁଁଥିଲୁ ହେଲେ, ତାକୁ ଶୀଘ୍ର ଶୀଘ୍ର ସତ୍କାର କରି ଦିଆଯାଇଥିଲା। କୋଲକାତା ପୁଲିସର ଡିସି ନର୍ଥ ସେମାନଙ୍କୁ ଟଙ୍କା ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡିସି ସେଣ୍ଟ୍ରାଲ ଏହି ପ୍ରସଙ୍ଗରେ ପ୍ରତିଦିନ ମିଛ କହୁଛନ୍ତି । କିଏ ଆମକୁ ଉତ୍ତର ଦେବ? ବୋଲି ସେ ପ୍ରଶ୍ନ କରିଛନ୍ତି। ଗତକାଲି କୋଲକାତାରେ ଜୁନିଅର ଡାକ୍ତରଙ୍କ ହୋଇଥିବା ଲାଇଟ୍ ବନ୍ଦ ପ୍ରଦର୍ଶନରେ ପୀଡିତାଙ୍କ ବାପା-ମା' ସାମିଲ ହୋଇଥିଲେ। ନିଜ ଝିଅକୁ ନ୍ୟାୟ ଦେବା ପାଇଁ ଦାବି କରିଥିଲେ। ଗତ ଅଗଷ୍ଟ ୧୦ ତାରିଖରୁ ହିଁ ପୂରା ପଶ୍ଚିମବଙ୍ଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ବିଭିନ୍ନ ବର୍ଗର ଲୋକମାନେ ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରୁଛନ୍ତି। କଲିକତା ହାଇକୋର୍ଟ ଏହି ମାମଲାର ତଦନ୍ତ ସିବିଆଇକୁ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ପୁଲିସ ଗିରଫ କରିସାରିଛି। ଏଥିସହ ଆରଜି କର କଲେଜର ପୂର୍ବତନ ପ୍ରିନ୍ସିପାଲ ମଧ ଗିରଫ ହୋଇସାରିଛନ୍ତି।

## ଟ୍ରକ୍‌କୁ ପିଟିଲା ଟ୍ରକ୍: ଆଖି ବୁଜିଲେ ହେଲପର, ଡ୍ରାଇଭର ଗୁରୁତର

ଭୁବନେଶ୍ୱର, ୫/୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍‌?କୁ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ପିଟିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ଏନ୍‌ଏଚ୍-୧୬ ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଆଜି ସକାଳେ ଏକ ଟ୍ରକ୍ ଛିଡ଼ା ହୋଇଥିଲା। ହେଲପରଜଣକ ଗାଡ଼ିର ଟାୟାର ବଦଳାଉଥିଲେ। ଉକ୍ତ ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ହେଲପରଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଜଣକ ଗୁରୁତର ହୋଇଛନ୍ତି। ଖବର ପାଇ ପୁଲିସ୍ ତଥା ସ୍ଥାନୀୟ ଲୋକେ ପହଞ୍ଚିଥିବା ବେଳେ ଗୁରୁତର ଡ୍ରାଇଭରଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଛି। ତାଙ୍କ ପରିଚୟ ଜଣା ପଡ଼ି ନ ଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାଯାଇଛି।

## ତାମିଲବାବୁଙ୍କ ପାଇଁ ବିଜେପି ଆଜି ସରକାରରେ: ପରଜଙ୍ଗ ବିଧାୟକ

ଭୁବନେଶ୍ୱର, ୫/୯ (ନି.ପ୍ର): ତାମିଲବାବୁଙ୍କ ପାଇଁ ରାଜ୍ୟରେ ବିଜେପି ଆଜି ସରକାରରେ ଅଛି । ସେଥିପାଇଁ ତାଙ୍କୁ ଧନ୍ୟବାଦ । ସିଏ ଯେତେଦିନ ପର୍ଯ୍ୟନ୍ତ ଏରୋଡ୍ରମ ଫିଲଡ୍ ଆଡ଼େ ଯାଉଥିବେ ଆମକୁ କେହି ଟ୍ରେଜେରୀ ବେଂଚରୁ ହଟାଇ ପାରିବେ ନାହିଁ । ଆଜି ଏଭଳି କିଛି ଢଙ୍ଗରେ ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ କରି ପରଜଙ୍ଗ ବିଜେପି ବିଧାୟକ ବିଭୂତିଭୂଷଣ ପ୍ରଧାନ କହିଛନ୍ତି । ପାଣ୍ଡିଆନ ଓ ନବୀନ ପଟ୍ଟନାୟକଙ୍କ ନାଁ ନଧରି ଆଜି ସେ ଉଭୟ ଗୃହ ଭିତରେ ଓ ବାହାରେ ଏଭଳି କଟାକ୍ଷ କରିଛନ୍ତି । ଆଜି ବିଧାନସଭାରେ କୃଷି ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ଯେ, ପେପରରେ ପଢ଼ିଥିଲି ଢ଼ଳେଇର ସ୍ଥାୟିତ୍ୱ କୋଣାର୍କର ▶▶ପୃଷ୍ଠା ୭

## ଗୁରୁଙ୍କୁ ପୂଜା କରି ଆଶୀର୍ବାଦ ନେଲେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୫/୯ (ନି.ପ୍ର): ଆଜି ସେପଟ୍ଟେମ୍ବର ୫ ତାରିଖ। ଗୁରୁ ଦିବସ। ମହାନ ଶିକ୍ଷାବିତ୍, ଦାର୍ଶନିକ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମଦିନ। ତାଙ୍କର ଜନ୍ମଦିନକୁ ସାରା ଦେଶରେ ଗୁରୁ ଦିବସ ରୂପେ ପାଳନ କରାଯାଉଛି। ଶିକ୍ଷା ଦୀକ୍ଷା ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ ଜଣେ ବ୍ୟକ୍ତିକୁ କରାଏ ସଫଳ। ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପ୍ରତିବର୍ଷ ପାଳନ କରାଯାଏ। ଏହି ଅବସରରେ ଶିକ୍ଷା, ଦୀକ୍ଷା ଓ କର୍ମ ଆଦି ବିଭିନ୍ନ କ୍ଷେତ୍ରରେ ନିଜ ନିଜ ଗୁରୁରଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଜଣାଇବେ ଶିଷ୍ୟ। ଅନ୍ୟପକ୍ଷରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ ଧୂମଧାମରେ ପାଳିତ ହେଉଛି ଗୁରୁ ଦିବସ ଉତ୍ସବ। ଆସନ୍ତୁ ଜାଣିବା, ଏହି ଦିନଟିର ତାତ୍ପର୍ଯ୍ୟ ଏବଂ କେବେଠାରୁ ଓ କାହିଁକି 'ଗୁରୁ ଦିବସ' ପାଳନ କରାଯାଉଛି। ମହାନ୍ ଦାର୍ଶନିକ, ଶିକ୍ଷାବିତ୍ ତଥା ଭୂତପୂର୍ବ ରାଷ୍ଟ୍ରପତି, ପ୍ରଫେସର ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁଦିବସ ବୋଲି ପାଳନ କରାଯାଏ। ଶିକ୍ଷାଦାନ ବୃତ୍ତିରୁ ଭାରତର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି ହୋଇ ପରେ 'ଭାରତ ରତ୍ନ' ପାଇଥିବା ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର ଭାରତୀୟ ଶିକ୍ଷା କ୍ଷେତ୍ରକୁ ସ୍ମରଣୀୟ ଅବଦାନ ରହିଛି। ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ହେବା ପରେ ଡକ୍ଟର ରାଧାକ୍ରିଷ୍ଣନ୍ ୧୯୬୨ ମସିହା ମେ ୧୪ ତାରିଖରେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ ଏବଂ ସଂପୂର୍ଣ୍ଣ ୫ ବର୍ଷ ଯାଏ ଏହି ଦାୟିତ୍ୱରେ ରହିଥିଲେ।

## ପ୍ରତି ପଞ୍ଚାୟତରେ ହେବ ମଡେଲ୍ ପ୍ରାଥମିକ ସ୍କୁଲ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୫/୯ (ନି.ପ୍ର): ରାଜ୍ୟର ପ୍ରତି ପଞ୍ଚାୟତରେ ହେବ ମଡେଲ୍ ପ୍ରାଥମିକ ସ୍କୁଲ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଜି ଗୁରୁଦିବସ ଅବସରରେ ଓଟିଭିକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ମଡେଲ୍ ସ୍କୁଲ୍ ଗୁଡ଼ିକର ନାଁ ରହିବ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଏମିତି ୫୦୦ ସ୍କୁଲ ବିକଶିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଏମିତି ସ୍କୁଲ ହେବ । ସ୍କୁଲରେ ଏମିତି ବ୍ୟବସ୍ଥା କରାଯିବ ଯେମିତି ସମସ୍ତେ ଆସିବାକୁ ଇଚ୍ଛା କରିବେ । ଶିକ୍ଷକତାରୁ ରାଜନୀତିକୁ ଆସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ଶିକ୍ଷକତା କରିବା ସମୟରେ ମାତ୍ର ୩୦୦ ଟଙ୍କା ଦରମା ପାଉଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିକ୍ଷା ବ୍ୟବସ୍ଥା ହେଉଛି ତ୍ରିଭୂଜ ସଦୃଶ । ଛାତ୍ର, ଶିକ୍ଷକ ଏବଂ ଅଭିଭାବକ ଏହି ତ୍ରିଭୁଜର ୩ ବାହୁ। ତିନି ବାହୁ ଏକାଠି ହେଲେ ଜଣେ ଛାତ୍ର ଜୀବନ ସୁସଂଗଠିତ ହେବ। ଓଡ଼ିଆ ଅସ୍ମିତା ଏବେ ସଂକଟରେ ଅଛି। ଆଗାମୀ ଦିନରେ ଭାରତ ରେଳଗାଡ଼ିରେ ଓଡ଼ିଶା ପ୍ରଥମ ଡବା ହେବ ବୋଲି ସେ କହିଛନ୍ତି ।

## ୧୭ବର୍ଷ ଧରି ପୋଲାଭରମକୁ ନେଇ କେବଳ ଚାଲିଥିଲା ରାଜନୀତି: ଗୁମର ଖୋଲିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୫/୯ (ନି.ପ୍ର): ଦୀର୍ଘ ୧୭ବର୍ଷ ଧରି ବହୁଚର୍ଚ୍ଚିତ 'ପୋଲାଭରମ ପ୍ରକଳ୍ପ'କୁ ନେଇ ତତକାଳୀନ ବିଜେଡି ସରକାର ନିଜର ରାଜନୀତିକ ଗୋଟିଚାଳନା କରୁଥିଲା । ପୋଲଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର କେତେ ଅଂଚଳ ଜଳମଗ୍ନ ହେବ ତା'ର ତଥ୍ୟ ନରଖି କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ନୂଆ ▶▶ପୃଷ୍ଠା ୭

## ଶିବାଜୀଙ୍କ ଷ୍ଟାଚ୍ୟୁ ଭୁଶୁଡ଼ିବା ଘଟଣା: ମୋଦିଙ୍କୁ ଟାର୍ଗେଟ କଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୫/୯ : ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜୋରଦାର ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା ୧୭ତମ ଶତାବ୍ଦୀର ସମ୍ରାଟ ପ୍ରତି ଅପମାନ ବୋଲି ରାହୁଲ କହିଛନ୍ତି। ସାଙ୍ଗଲିରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ପ୍ରତିମୂର୍ତ୍ତିର ନିର୍ମାଣ କାମ ଜଣେ ଆରଏସଏସ କର୍ମୀଙ୍କୁ ଦିଆଯାଇଥିଲା। ଏଥିସହ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି ମାଗିଥିବା କ୍ଷମାକୁ ମଧ ରାହୁଲ କଟାକ୍ଷ କରିଛନ୍ତି। ସେ କହିଛନ୍ତି, "ନିର୍ମାଣ ହେବାର କିଛି ମାସ ମଧରେ ପ୍ରତିମୂର୍ତ୍ତି ଭୁଶୁଡ଼ି ପଡ଼ିଛି। ଏହା ଶିବାଜୀ ମହାରାଜଙ୍କ ପ୍ରତି ଘୋର ଅପମାନ।" ଶିବାଜୀ ମହାରାଜଙ୍କ ପରାମ୍ପରା ମହାରାଷ୍ଟ୍ରରେ ଗୋଟିଏ ସମ୍ବେଦନଶୀଳ ପ୍ରସଙ୍ଗ। ଆଉ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା କ୍ଷମତାସୀନ ▶▶ପୃଷ୍ଠା ୭

## ଏନକାଉଣ୍ଟରରେ ଟଳିଲା କୁଖ୍ୟାତ ଡକାୟତ

ନୂଆଦିଲ୍ଲୀ, ୫/୯ : ପୁଲିସ୍ ଏନକାଉଣ୍ଟରରେ ପ୍ରାଣ ହରାଇଛି କୁଖ୍ୟାତ ଡକାୟତ ତଥା ଉତ୍ତର ପ୍ରଦେଶର ସୁଲତାନପୁର ଗହଣା ଦୋକାନ ଲୁଟ ଘଟଣାର ମାଷ୍ଟରମାଇଣ୍ଡ। ଆଜି ଉତ୍ତର ପ୍ରଦେଶର ଏସଟିଏଫ କରିଥିବା ଏନକାଉଣ୍ଟରରେ ତା'ର ମୃତ୍ୟୁ ହୋଇଛି। ପ୍ରାଣ ହରାଇଥିବା କୁଖ୍ୟାତ ଡକାୟତ ଜଣକ ହେଉଛି ମଙ୍ଗେଶ ଯାଦବ। ତା'କୁ ଧରିବା ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ହେଲେ ଆଜି ମିଶ୍ରିପୁର-ପୁରଇନା ଗାଁ ନିକଟରେ ହୋଇଥିବା ଏନକାଉଣ୍ଟରରେ ମଙ୍ଗେଶ ପ୍ରାଣ ହରାଇଛି। ଅତିରିକ୍ତ ଡିଜି(ଆଇନ ଶୃଙ୍ଖଳା) ଅମିତାଭ ୟାଶ କହିଛନ୍ତି, ମଙ୍ଗେଶ ଯାଦବର ଘର ହେଉଛି ଜଉନପୁରରେ। ଅଗଷ୍ଟ ୨୮ରେ ଭାରତ ଜୁଏଲର୍ସରେ ଲୁଟ ହୋଇଥିଲା। ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଚୋରିର ମାଷ୍ଟରମାଇଣ୍ଡ ହେଉଛି ମଙ୍ଗେଶ। ତା'କୁ ଖୋଜା ପଡ଼ିଥିବା ▶▶ପୃଷ୍ଠା ୭

## ୭୦୦ ଫୁଟ୍ ଘାଟିରୁ ଖସିଲା ସେନା ଗାଡ଼ି: ୪ ସୈନ୍ୟ ମୃତ

ନୂଆଦିଲ୍ଲୀ, ୫/୯ : ସିକ୍କିମରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସେନା ଗାଡ଼ି ୭୦୦ ଫୁଟ୍ ତଳକୁ ଖସି ପଡିଥିଲା। ସୂଚନା ଅନୁସାରେ, ଆଜି ସେନାର ଏକ ଗାଡ଼ି କିଛି ସୈନ୍ୟଙ୍କୁ ନେଇ ପଶ୍ଚିମବଙ୍ଗ ପେଡୋଙ୍ଗରୁ ସିକ୍କିମର ଜୁଲୁକ ଯାଉଥିଲା। ଏହି ସମୟରେ ସିକ୍କିମର ପାକିଙ୍ଗ ଜିଲ୍ଲାର ରେଶମ ମାର୍ଗରେ ଦୁର୍ଘଟଣା ହୋଇଥିଲା। ଘାଟି ରାସ୍ତାରେ ଯିବା ସମୟରେ ଦୁର୍ଘଟଣା ଘଟିବାରୁ ସେନା ଗାଡି ପ୍ରାୟ ୭୦୦ରୁ ୮୦୦ ଫୁଟ ତଳକୁ ଖସି ପଡିଥିବା କୁହାଯାଉଛି। ଫଳରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଛି।

## କେଜ୍ରିୱାଲଙ୍କ ଜାମିନ ଆବେଦନ: ଶୁଣାଣି କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୫/୯ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି ସୁପ୍ରିମକୋର୍ଟ। ଆଜି ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ସିବିଆଇ ଗିରଫଦାରୀ ବିରୋଧରେ ଆବେଦନ ହୋଇଥିବା ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ମଙ୍ଗଳବାର ରାୟ ପ୍ରକାଶ ପାଇବ। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡି ହେଫାଜତରେ ଥିବାବେଳେ କେଜ୍ରିୱାଲଙ୍କୁ ଗିରଫ କରିଥିଲା ସିବିଆଇ। କେଜ୍ରିୱାଲ ସିବିଆଇ ଗିରୋଫଦାରୀକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ▶▶ପୃଷ୍ଠା ୭

## ବିଜେପିରେ ମିଶିଲେ କ୍ରିକେଟର ରବୀନ୍ଦ୍ର ଜାଡେଜା



ନୂଆଦିଲ୍ଲୀ, ୫/୯ : ଟି-୨୦ କ୍ରିକେଟରୁ ଅବସର ନେଇ ସାରିଥିବା ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି। ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି। ଜାଡେଜା କେନ୍ଦ୍ରରେ କ୍ଷମତାସୀନ ବିଜେପିରେ ମିଶିଛନ୍ତି। ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଥିବା ତାଙ୍କ ପତ୍ନୀ ସମସ୍ତଙ୍କୁ ଅବଗତ କରାଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ହେଉଛନ୍ତି ବିଜେପିର ଗୁଜରାଟ ବିଧାୟକ। ▶▶ପୃଷ୍ଠା ୭

# ସରକାରଙ୍କ ବାରଣ ସତ୍ତ୍ୱେ ଗଣେଶ ପୂଜା ପାଇଁ ସରକାରୀ ସ୍କୁଲରେ ଚାନ୍ଦା ଆଦାୟ

କନ୍ଧମାଳ, ୫/୯ (ନି.ପ୍ର): କନ୍ଧମାଳ ଜିଲ୍ଲା, ବେଲପଦର ଓଡିଶା ଆଦର୍ଶ ବିଦ୍ୟାଳୟ ସମେତ ୧୧ ଗୋଟି ସ୍କୁଲରେ ପୂଜା ଚାନ୍ଦା ମାଗୁଛନ୍ତି । ଏହା ସହିତ ବାଧତାମୂଳକ କରିଛନ୍ତି ବୋଲି ଅଭିଭାବକ ମାନଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି କ୍ଷ ଏହି ସ୍କୁଲରେ ଅଧିକାଂଶ ଛାତ୍ର ଛାତ୍ରୀ ଆଦିବାସୀ, ହରିଜନ, ସାଧାରଣ ବର୍ଗ ଓ ପଛୁଆ ବର୍ଗର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଅର୍ଥ ଅଭାବ ଥିବାବେଳେ ସରକାରୀ ସ୍କୁଲ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ରହିଛି । ଏହି ସ୍କୁଲରେ ଶତାଧିକ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି । କିନ୍ତୁ ସରକାରଙ୍କ ନିୟମ ରହିଛି ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ କୌଣସି ପ୍ରକାରେ ଉତ୍ସବ ପାଳନ ତଥା ଗଣେଶ, ସରସ୍ୱତୀ ପୂଜା, କୌଣସି ସ୍ଥାନକୁ ବିଜ୍ଞାନ ମେଳା ଓ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଗଲେ ଟଙ୍କା ମାଗିପାରିବେ ନାହିଁ । ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ରହିଛି । ଏହାକୁ ବେଖାତିରି କରି କନ୍ଧମାଳ ଜିଲ୍ଲାରେ ଥିବା ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣେଶ ପୂଜା ପାଇଁ ଟଙ୍କା ଆଦାୟ କରାଯାଉଛି । ଯେଉଁ ଛାତ୍ର ଛାତ୍ରୀ ମାନେ ଟଙ୍କା ନ ଦେବେ ସେହି ଛାତ୍ର ଛାତ୍ରୀ ସେହି ଦିନ ବିଦ୍ୟାଳୟକୁ ଆସିବେ ନାହିଁ ବୋଲି ଶିକ୍ଷକ କହିବା କେତେ ଦୂର ଠିକ୍ ଏହାର ପକୃତ ସତ୍ୟତା ତଦନ୍ତ କରି ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଜିଲ୍ଲାପାଳଙ୍କୁ ଜଣାଇ ଏହା ଉପରେ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଛି । ଏହା ସହିତ ପ୍ରତି ସ୍କୁଲ, କଲେଜ ମାନଙ୍କରେ ସ୍ୱଚ୍ଛ ଭାରତ, ୱାସ ରୁମ ସଫାସୁତରା ଠିକ ଭାବରେ ରଖାଯାଉ ନାହିଁ । ଏଥିପ୍ରତି ଦୃଷ୍ଟି ଦେଲେ ସ୍ୱଚ୍ଛ ଭାରତ ପ୍ରତି ଆନ୍ତରିକତା ରହିଛି ବୋଲି ଜଣାପଡିବ ।

# ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର, ୫/୯ (ନି.ପ୍ର): ସାରା ଦେଶରେ ଲିଙ୍ଗରାଜ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ଅନେକ ପ୍ରସିଦ୍ଧି ରହିଛି । ଏଥି ସହିତ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଏକାମ୍ର କ୍ଷେତ୍ର ଓତଃପ୍ରୋତ ଭାବେ ଜଡ଼ିତ । ଏଣୁ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ଏହି ଅଂଚଳର ପ୍ରସିଦ୍ଧିକୁ ବିଶ୍ୱବ୍ୟାପି କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ । ତେଣୁ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଏହି ପ୍ରକଳ୍ପ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ ଆଗେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିସ୍ତୃତ ଆଲୋଚନା କରିଥିଲେ । ପ୍ରକଳ୍ପ ଅଂଚଳରେ ଥିବା ଜମି ମାଲିକମାନଙ୍କୁ ସର୍ବାଧିକ କ୍ଷତିପୂରଣ ସହିତ ଜମି ଅଧିଗ୍ରହଣ, ଜବର ଦଖଲ ଉଚ୍ଛେଦ, ପୁରୁଣା ମଠ, ମନ୍ଦିର ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ସହିତ ଏଏସ୍ ?ଆଇର ମାର୍ଗଦର୍ଶିକାର ସଠିକ ଅନୁପାଳନ କରି କିଭଳି ନିର୍ମାଣ କାର୍ଯ୍ୟକୁ ଆଗେଇନେଇ ହେବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥି ସହିତ ୱାଟ୍‌କୋ, ଟିପିସିଓଡିଏଲ୍ ଏବଂ ଅନ୍ୟାନ୍ୟ ସଂସ୍ଥା ପ୍ରମୁଖ ପ୍ରକଳ୍ପ ଅଂଚଳ ମଧ୍ୟରେ ଥିବା ବାକେୟା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ, ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚଂଚଳ ରଣା, ଇଂଜିନିୟର ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ରାଜନେତା ଶ୍ରୀ ଜଗନ୍ନାଥ ପ୍ରଧାନ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପିଚୁ ରାସ୍ତା ଉପରେ ପେଭର ବ୍ଲକ: ଲୋକଙ୍କ ଅଭିଯୋଗକୁ ଫୁ

ବଲାଙ୍ଗୀର, ୦୪ ସେପ୍ଟେମ୍ବର(ହି.ସ.) – ମୁକ୍ତା ଯୋଜନାରେ ବଲାଙ୍ଗୀର ମ୍ୟୁନିସିପାଲିଟିକୁ କୋଟି କୋଟି ଟଙ୍କା ଆସିଛି । ତାହାକୁ କିପରି ଖର୍ଚ୍ଚ କରାଯିବ ଏବଂ ଠିକାଦାର ପୋଷା ଯିବ ସେନେଇ ଯୋଜନା ତିଆରି କରାଯାଉଛି । ମୁକ୍ତା ଯୋଜନାର ଆଳ ଦେଖାଇ ପୌରପାଳିକା କାମ ଦରକାର ନଥିବା ଜାଗାରେ ମଧ୍ୟ କାମ କରି ଟଙ୍କା ବାଟମାରଣ କରିବାର ବ୍ୟବସ୍ଥା କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏହି ଯୋଜନାରେ ଏସଏଚଜିମାନଙ୍କୁ ସମ୍ମୁଖରେ ରଖି କିଛି ଠିକାଦାରଙ୍କ ଜରିଆରେ କାମ ଚାଲିଥିବା ଏବଂ ଏହା ପଛରେ ଜଣେ ଆଂଚିଳକ ଦଳର ନେତା ଥିବା ନେଇ ମଧ୍ୟ ଅଭିଯୋଗ ହେଉଛି । ଗତ ଦୁଇଦିନ ତଳେ ବଲାଙ୍ଗିର ସହରର ୧୫ନଂ ୱାର୍ଡର ରାମ ମନ୍ଦିର ଛକରୁ ସହିଦ ଭଗତ ସିଂ କ୍ଲବ ପର୍ଯ୍ୟନ୍ତ ପେଭର ବ୍ଲକ କାମ କରାଯାଇଛି । କାମ ଆରମ୍ଭ ହେଲା ମାତ୍ରେ ସ୍ଥାନୀୟ ଲୋକେ ଗତ ୨୩ ତାରିଖ ଦିନ ବଲାଙ୍ଗିର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛି ମାସ ତଳେ ଏହି ରାସ୍ତାରେ ପିଚୁ କାମ କରାଯାଇଥିଲା ଏବଂ ରାସ୍ତା ଠିକ ଅଛି । ତେଣୁ ଏହି ରାସ୍ତାର କାମ କରିବାର କୌଣସି ଆବଶ୍ୟକ ନାହିଁ । ଯଦି କାମ କରିବାର ଅଛି ତେବେ ଏହି ପିଚୁ ରାସ୍ତାକୁ ଖୋଳି ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ କରି କାମ କରାଯାଉ । ଅଭିଯୋଗ ପରେ ପୌର ଯନ୍ତ୍ରୀ ଇଂ ପ୍ରଶାନ୍ତ ନାଏକଙ୍କୁ ପୌର ନିର୍ବାହୀ ଅଧିକାରୀ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତଦନ୍ତ ପୂର୍ବରୁ ଓ ନିର୍ବାହୀ ଅଧିକାରୀଙ୍କ ଅଜାଣତରେ ତରବରିଆ ଭାବରେ ରାତି ଅଧରେ ପିଚୁ ରାସ୍ତା ଉପରେ ଅଧ ଇଂଚର ବାଲି ପକାଇ ନିମ୍ନମାନର ପେଭର ବ୍ଲକ ବସାଇ କାମ ସାରି ଦିଆଯାଇଛି । ଏଠାରେ ପ୍ରଶ୍ନଉଠୁଛି ଯେ, ନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ବାସିନ୍ଦା ଅଭିଯୋଗ କଲାପରେ ଉନ୍ନତ ମାନର କାମ ହେବା ବଦଳରେ ତରବରିଆ ଭାବରେ ଉକ୍ତ ପିଚୁ ରାସ୍ତା ଉପରେ କିପରି ମାତ୍ର ଅଧ ଇଂଚ ବାଲି ବିଛାଯାଇ ପେଭର ବ୍ଲକ ବସାଇଦିଆ ଗଲା । ମ୍ୟୁନିସିପାଲିଟି ଏମଇ(ଯନ୍ତ୍ରୀ)ଙ୍କ ଅହେତୁକ ଅନୁକମ୍ପା ଯୋଗୁଁ କାମ ବନ୍ଦ ହେବା ବଦଳରେ ରାତି ଅଧିଆ କାମ ସମ୍ପୂର୍ଣ୍ଣ କରାଯାଇଛି ଏବଂ ଯନ୍ତ୍ରୀମାନଙ୍କ ଆଗରେ ପୌର ନିର୍ବାହୀ ଅଧିକାରୀ ଅସହାୟ ହୋଇ ପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଏହାର ତଦନ୍ତ କରାଯିବ ବୋଲି କହିଥିବା ବେଳେ ସ୍ଥାନୀୟ ଲୋକଙ୍କ ଏହି ତଦନ୍ତ ଉପରେ ଭରସା ନଥିବା ଜଣାଯାଇଛି । ମୁକ୍ତା ଯୋଜନା ନିର୍ଦ୍ଦେଶାବଳୀ ଅନୁସାରେ, ଯେଉଁ ରାସ୍ତରେ ପେଭର ବ୍ଲକ ବସାଯିବ ସେହି ରାସ୍ତାକୁ ୮ ଇଂଚ ଖୋଳାଯାଇ ୪ ଇଂଚର ପଥର ଗୁଣ୍ଡ ଓ ମେଟାଲ ଆସ୍ତରଣ ଦେବା ପରେ ୨ଇଂଚ ବାଲି ବିଛାଯିବା ପରେ ପେଭର ବ୍ଲକ ବସାଯିବା କଥା । ମାତ୍ର ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ସହରର ବିଭିନ୍ନ ପଡାରେ କରାଯାଇଥିବା ପେଭର ବ୍ଲକ କାମରେ ପିଚୁ ଓ କଂକ୍ରିଟ ରାସ୍ତାକୁ ଖୋଳା ନଯାଇ ତାଉପରେ ଇଂଚେ କିମ୍ବା ଅଧ ଇଂଚର ବାଲି ବିଛାଯାଇ ପେଭର ବ୍ଲକ ବସାଇ ଦିଆଯାଇଥିବା ଅଭିଯୋଗ ହେଉଛି । ଫଳରେ ରାସ୍ତା ନିର୍ମାଣର କିଛିଦିନ ପରେ ପେଭର ବ୍ଲକ ଦବି ଯିବା ସହ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ପାଣି ଜମିରହିବା ଓ ଛୋଟମୋଟ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲାପାଳ ଏଥିପତ୍ର ଦୃଷ୍ଟି ଦେବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷି ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ପଡାବାସୀ ଦାବି କରିଛନ୍ତି ।

## ଶିକ୍ଷକ ଫଜଲେ ବାରିଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡ଼ା, ୫/୯ (ନି.ପ୍ର): କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହମ୍ମଦ ଫଜଲେ ରବିଙ୍କ ସୁପୁତ୍ର ତଥା କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ସହକାରୀ ଇଂରାଜୀ ଶିକ୍ଷକ ମହମ୍ମଦ ଫଜଲେ ବାରିଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହେଇଯାଇଛି । ଫକିରାବାଦ ଉର୍ଦ୍ଦୁ ୟୁପି ସ୍କୁଲରେ ଆୟୋଜିତ ସଭାରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷକ ନେତା ଭ୍ରମରବର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବାରିଙ୍କର ସ୍ମୃତିଚାରଣ କରିବା ସହ ଜିଲ୍ଲାର ଜଣେ ଆଦର୍ଶ ଶିକ୍ଷକ, ସଚ୍ଚୋଟ ପ୍ରଶାସନିକ ଅଧିକାରୀ ଓ ସରଳ ଜୀବନ ଯାପନ କରୁଥିବା ସଂପର୍କରେ ମତପ୍ରକାଶ କରିଥିଲେ । ଆୟୋଜିତ ଏହି ଶୋକସଭାରେ ସ୍କୁଲର ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀଙ୍କ ସହ ଜୟଶ୍ରୀ ଦାସ, ମିର ରଫିକ, ସେକ ବରକତୁଲ୍ଲା, ସେକ୍ ରଇସୁଦ୍ଦିନ, ସେକ୍ ଜିଆୟୁଲ କରିମ, ଅବଦୁଲ ହସରତ, ମହମ୍ମଦ ସିଦ୍ଦିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# ଚେକ୍ ବାଉନ୍ସ ମାମଲା: ୧୪ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

କେନ୍ଦ୍ରାପଡ଼ା, ୫/୯ (ନି.ପ୍ର): କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତକୁ ୧୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କାଶୀନାଥ ସାହୁଙ୍କ ଠାରୁ ୨୦୧୪ ମସିହା ଜୁନ୍ ମାସରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ତୁଷାରକାନ୍ତ ପରିଡ଼ା ଶ୍ରୀ ସାହୁଙ୍କୁ ଏକ ଚେକ୍ ଦେଇ ୭ ଲକ୍ଷ ଟଙ୍କା ଧାରନେଇ ୨ ମାସ ଭିତରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଟଙ୍କା ନଫେରାଇବାରୁ ଶ୍ରୀ ସାହୁ କୋର୍ଟର ଆଶ୍ରୟ ନେଇଥିଲେ । କୋର୍ଟ ଘଟଣାର ବିଚାର କରି ୧୪ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟତ୍ର ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ପ୍ରକାଶ କରିଛନ୍ତି ।

# ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାରୁ ୧୫ ଜଣଙ୍କୁ ସ୍ୱର୍ଣ୍ଣ ପଦକ ୧୦ ଜଣଙ୍କୁ ରୌପ୍ୟ ଓ ୧୫ ଜଣଙ୍କୁ କାଂସ୍ୟ ପଦକ

କନ୍ଧମାଳ, ୫/୯ (ନି.ପ୍ର): ଚଳିତ ମାସ ଅଗଷ୍ଟ ୩୦-୩୧ ଓ ଆସନ୍ତା ମାସ ସେପଟେମ୍ବର ୧ ତାରିଖ ରେ କଟକ ର ଜବାହର ଲାଲ ନେହୁର ଇଣ୍ଡୋର ଷ୍ଟାଡିଅମରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ରେ କନ୍ଧମାଳ ଜିଲ୍ଲା ଟାଏ କୋଣ୍ଡୋ ସଙ୍ଘ ଓ ଫୁଲବାଣୀ ମାର୍ଟିଆଲ ଆର୍ଟ୍ସ ଏକାଡେମୀ ତରଫରୁ ବିଭିର୍ନ ବର୍ଗର ଖେଳାଳି, ସୁପର ସବ୍ ଜୁନିଅର, ସବ୍ ଜୁନିଅର, କ୍ୟାଡେଟ, ଜୁନିଅର ଓ ସିନିଅର କ୍ୟାଟେଗୋରିର ପିଲାମାନେ ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଛନ୍ତି, ଯେଉଁ ଖେଳାଳି ମାନେ ସ୍ୱର୍ଣ ପଦକ ପାଇଛନ୍ତି ସେହି ଖେଳାଳି ମାନଙ୍କ ଭିତରୁ ସବ ଜୁନିଅର ଓ ଜୁନିଅର ବର୍ଗର ଖେଳାଳି ମାନଙ୍କ ର ଚଳିତ ସେପ୍ଟେମ୍ବର ମାସ ୮ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ସ୍ତରର ପ୍ରତିଯୋଗିତା ଆଗ୍ରା ଠାରେ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାତୀୟ ସ୍ତରରେ ଓଡିଶା ରାଜ୍ୟର ନାମ ଆଗକୁ ନେବାକୁ ବହୁତ ଇଚ୍ଛା ପ୍ରକାଶ ଜାରି ରଖିଛନ୍ତି । ଏହି ଖେଳାଳିମାନଙ୍କୁ କୋଚ ରମାକାନ୍ତ ବେହେରା, କୋଚ ପ୍ରିତମ ଚନ୍ଦ୍ର ପ୍ରଧାନ ଓ ମଦନ ଦଲ ବେହେରା ଧନ୍ୟବାଦ ଜଣାଇ ଛନ୍ତି ଏବଂ ପ୍ରତାପ କୁମାର ମୁଖୀ ଓ ସମ୍ପାଦକ ପ୍ରଭାତ କୁମାର ସାହୁ ଖେଳାଳି ମାନଙ୍କୁ ଶୁଭେଚ୍ଛା ଆଶ୍ରିବାଦ କରିଛନ୍ତି, ଓ ରାଜ୍ୟ ସଙ୍ଘର ସମ୍ପାଦକ ମନ ମୋହନ ଭଞ୍ଜ ଆଶ୍ରିବାଦ ସହିତ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି ।

# ଫୁଲବାଣୀ ନଗର ବିଜେପିର ସଦସ୍ୟତା ସଂଗ୍ରହ କର୍ମଶାଳା

କନ୍ଧମାଳ, ୦୪ ସେପ୍ଟେମ୍ବର(ହି.ସ.) – ଫୁଲବାଣୀ ନଗର ବିଜେପି ତରଫରୁ ଆଜି ଏକ ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି କ୍ଷ ଜିଲ୍ଲା ସଭାପତି ଶ୍ରୀ ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଦସ୍ୟତା କର୍ମଶାଳା ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଭାରୀ ଭାବେ ଜିଲ୍ଲା ବିଜେପି ସମ୍ପାଦକ ଶ୍ରୀ ମନୋଜ କୁମାର ପଣ୍ଡା ଯୋଗଦେଇ ଭାରତୀୟ ଜନତାପାର୍ଟିର ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ସଦସ୍ୟ ସଂଖ୍ୟା ବୃଦ୍ଧି କରି ଦଳକୁ ମଜବୁତ କରାଯିବ ସେନେଇ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠନେତା ଲିଙ୍ଗରାଜ ଦଲବେହେରା, ପରେଶ ମହାପାତ୍ର, ଟୁଟୁ ପଟ୍ଟନାୟକ, ସଞ୍ଜିତ ମଣ୍ଡଳ, ମୁକ୍ତିକାନ୍ତ ମହାନ୍ତି, ରମେଶ ମହାନ୍ତି, ସ୍ୱରୂପା ପଟ୍ଟନାୟକ, ତପନ ପାଢ଼ୀ, ସୁଶାନ୍ତ ମହାନ୍ତି, ନମିତା ସାହୁ, ଅବନୀ ଯାନୀ, ସୁଧାଂଶୁ ଗୁରୁ, ଚନ୍ଦ୍ରପଣ୍ଡା, ସିନୁ ପଟ୍ଟନାୟକଙ୍କ ସହ ବହୁ ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ ।

# ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ତରଫରୁ ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଧାନସଭା ଘେରାଉ

ଭୁବନେଶ୍ୱର , ୫/୯ (ନି.ପ୍ର): ଆଜି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ସପକ୍ଷରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା । ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁ ନାହାନ୍ତି । ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନରେ ଭବିଷ୍ୟତ । ଭବିଷ୍ୟତର ପୀଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି । ବିଗତ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା । ଏ ନେଇ ବିଜେପି ସରକାରରେ ଏହାର ପୁନରାବୃତି କରାଯାଇଛି । ଏଥିରୁ ସ୍ପଷ୍ଟ ଅନୁମେୟ ଉଭୟ ବିଜେପି ଏବଂ ବିଜେଡ଼ି ଛାତ୍ରଛାତ୍ରୀ ମାନଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ରଖିବାପାଇଁ ଷଡଯନ୍ତ୍ର ଚଳାଇଛନ୍ତି । ତଥାପି ସରକାର ଏଭଳି ଷଡଯନ୍ତ୍ରକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କେବେବି ବରଦାସ୍ତ କରିବ ନାହିଁ । ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭାର କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳର ନାମ ପରିବର୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯେଉଁ ହୀନ ପ୍ରୟାସ କରୁଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ । ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତନ ପ୍ରରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି । ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ର ଛାତ୍ରୀମାନଙ୍କର ନାର୍ଯ୍ୟ ହକ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତାହାହେଲେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ ବସିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ବିବୃତିରେ କହିଛନ୍ତି । ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ନିହାର ରଞ୍ଜନ ବେହେରା, ଗଣେଶ ଦାଶ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ସୁନିଲ କୁମାର ସାହୁ, ମିର୍ଜା ଇସଲାମ, ନିଆଜୁଲ ଇସଲାମ, ମହମ୍ମଦ ତାଇସୁନ, ସାହାରୁଖ ଖାନ, ଆଦିତ୍ୟ ରାଶି, ଚନ୍ଦନ ସାହୁ, ଆରିୟନ ଦାସ, ସୌମ୍ୟ ରଞ୍ଜନ ବରାଳ, ରାଜେଶ ଦାସ, ମହମ୍ମଦ ଇସଲାମ ପ୍ରମୁଖ ଯୋଗଦେଇଥିଲେ ।

# ଓଡିଶାରୁ ପ୍ରଥମ ଥର ଲାଗି ଡ୍ରାଗନ୍ ଫଳର ରପ୍ତାନୀ

## ପତାକା ଦେଖାଇ ପ୍ରକ୍ରିୟାର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

ଭୁବନେଶ୍ୱର, ୫/୯ (ନି.ପ୍ର): ଆଜି ସକାଳେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳର ରପ୍ତାନୀ ହୋଇଛି । ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଡ୍ରାଗନ ଫଳ ଦୁବାଇ ରପ୍ତାନୀ ହେଇଛି । ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗିରର ପୋଟଳ ବିଦେଶକୁ ଯାଇସାରିଛି । ଏବେ ସରକାର ମଧ୍ୟ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଇ ଉଦ୍ୟାନ କୃଷିକୁ ଆପଣେଇବାକୁ ପରାମର୍ଶ ଦେଉଛନ୍ତି ।

ଉପମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଲେ ଯେ, କୋଭିଡ ସମୟରେ ନେଇଥିବା ନିଷ୍ପତ୍ତି ଆଜି ଫଳପ୍ରସୂ ହୋଇଛି ଏବଂ ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ଦୁବାଇକୁ ରପ୍ତାନୀ କରାଯାଇଛି । ରାଜନୀତି କରିବା ଭିତରେ ବି ସେ ଚାଷ କାର୍ଯ୍ୟ ଜାରି ରଖିଥିଲେ । ଡ୍ରାଗନ ଫଳର ଚାହିଦା ବିଦେଶରେ ବହୁତ ଅଧିକ । ଏହି ଡ୍ରାଗନ ଫଳ ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି । ଯାହାଦ୍ୱାରା ଫଳର ପୌଷ୍ଟିକ ତତ୍ତ୍ୱ ଅକ୍ଷୁଣ୍ଣ ରହିବା ସହ ଅନ୍ୟ ରାସାୟନିକ ସାର ଦେଇ ଉତ୍ପାଦନ ହେଉଥିବା ଫଳ ତୁଳନାରେ ଅଧିକ ଦିନ ସତେଜ ରହିବ । ଡ୍ରାଗନ ଫଳ ସ୍ୱାସ୍ଥ୍ୟ ପକ୍ଷେ ଖୁବ ହିତକାରୀ । ଏହାର ସେବନ ଦ୍ୱାରା ଶରୀରରେ କ୍ୟାନ୍‌ସର, ଡାଇବେଟିସ, କୋଷ୍ଠକାଠିନ୍ୟ ଭଳି ବେମାରିର ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ସିଂହଦେଓ କହିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସେଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡିବିଟି ମାଧ୍ୟମରେ ସବସିଡ଼୍ ପ୍ରଦାନ ଇତ୍ୟାଦି ଏହିସବୁ ପ୍ରୋତ୍ସାହନରେ ଅନ୍ତର୍ଭୁକ୍ତ ଅଟେ । ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ୍ ମଧ୍ୟ ହେଇପାରୁଛନ୍ତି । ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବଶୀଘ୍ର ପ୍ରଣୟନ କରିବେ । ଆଗାମୀ ଦିନରେ ଓଡିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନୀ କରାଯିବା ଲକ୍ଷ୍ୟ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ । ଏହି ରପ୍ତାନିର ଶୁଭାରମ୍ଭ ପୂର୍ବରୁ ଶ୍ରୀ ସିଂହଦେଓ ନଡ଼ିଆ ଭାଙ୍ଗି, ପତାକା ଦେଖାଇ ରପ୍ତାନୀ ପ୍ରକ୍ରିୟା ଆରମ୍ଭ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଥ୍ୱନ କଲ୍ୟାଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଓ 'ଆପେଡ଼ା' ଓ 'ପାଲାଡିୟମ୍'ର ସୀତାକାନ୍ତ ମଣ୍ଡଳ, ବିଶ୍ୱଜିତ ବେହେରା, ଦେବରାତି ଘଟକଳ ସାର୍ଥକ ଦର୍ଶନ, ଶ୍ରୀତମ ପାଣିଗ୍ରାହୀ, ବିଭୂତି, ବିକାଶ ପିଲାଇ ପ୍ରମୁଖ ଉପସ୍ଥିତ ଥିଲେ

# ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ସେପଟ୍ମେର ୧୧ରୁ ଭାଗ ନେବେ ୧୨୮ ଦଳ

ବଲାଙ୍ଗୀର, ୫/୯ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗୀର ଠାରେ ଆଜି କ୍ରୀଡା ସଂସଦ ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଚୁଡାନ୍ତ ପ୍ରସ୍ତୁତି ବୈଠକ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଖେଳ ଗୁଡିକ ୧୭ ଗୋଟି ପଡିଆରେ କରାଯିବ ସମୁଦାୟ ୧୨୮ ଗୋଟି ଦଳ ଭାଗ ନେବେ । ସମସ୍ତ ଦଳ ୧୬ ଗୋଟି ଜୋନରେ ଓ ୮ଟି ଗ୍ରୁପରେ ଖେଳିବେ । ଜୋନର ଚୁଡାନ୍ତ ଖେଳ ୧୭ ତାରିଖ ରେ ଓ ୮ ଗ୍ରୁପ ର ଫାଇନାଲ ଖେଳ ୧୯ ତାରିଖରେ କରାଯିବ । ଗାନ୍ଧୀ ଷ୍ଟାଡିୟମ ଠାରେ ସେପଟ୍ମେର ୨୨ ରୁ ୨୫ ଯାଏଁ କ୍ୱାଟର ଫାଇନାଲ, ୨୬ ଓ ୨୭ ସେମିଫାଇନାଲ ଓ ୨୯ ତାରିଖରେ ଗ୍ରାଣ୍ଡ ଫାଇନାଲ ଖେଳ ହେବ । ସେପଟ୍ମେର ୧୧ ତାରିଖରେ ଉଦ୍‌ଘାଟନୀ ମ୍ୟାଚ ୧୪ ଗୋଟି ପଡିଆରେ ହେବ । ଲୋଇସିଂହା ମିନି ଷ୍ଟାଡିୟମ ଠାରେ ବି.ଏଫ୍.ଟି. ଲୋଇସିଂହା ବନାମ ସକ୍‌ମା, ହଳଦି ପଡିଆରେ ଚିକିନିବାହାଲି ବନାମ ଜୁଗିରତା, ମିଶନ ପଡିଆରେ ଏନ୍.ଏସ୍. ସ୍ପୋଟିଙ୍ଗ ବନାମ ବରକାନି ଏଫ୍.ସି, ମୁରିବାହାଲ ପଡିଆରେ ସାନଝାଙ୍କରପାଲି ବନାମ ଜେ.ଏଫ୍.ଟି. ଘୁଷୁରାମୁଣ୍ଡା, ସି.ଟି ସ୍କୁଲ ଟିଟିଲାଗଡ ପଡିଆରେ ମର୍ଣ୍ଣକ୍ଲବ ଟିଟିଲାଗଡ ବନାମ ଗୁଲମି, ଖୋଲାନ ପଡିଆରେ ଖୋଲାନ ଏ ବନାମ କୁରସୁଡ, ଜରାସିଂହା ମିନି ଷ୍ଟାଡିୟମ ରେ ଚନ୍ଦ୍ରପୁର ବନାମ କରେଲଧୁଆ, ଟିକ୍ରାପଡା ପଡିଆରେ କଦଳୀମୁଣ୍ଡା ବନାମ ଗୁଡିଘାଟ, ଖୁଜେନପାଲି ପଡିଆରେ ସୁଦପଡା ଏଫ୍.ସି. ବନାମ ରିଶନ କାଲସାଏପାଲି, ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମ ଠାରେ ଚୁଲିଫୁଙ୍କା ବନାମ ଝଲପ, ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ରିଜର୍ଭ ପୋଲିସ ବନାମ ରୟ ସ୍ପୋଟିଙ୍ଗ, ଚୁଡାପାଲି ପଡିଆରେ ରେଙ୍ଗଟାସିଲ ବନାମ କୁଟୁମଡୋଳା, ପାଟଣାଗଡ ପଡିଆରେ ଜବାହାରଲାଲ କଲେଜ ବନାମ କୁତମୁଣ୍ଡା ଓ ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ କଲେଜ ସଦାଇପାଲି ବନାମ ଛତାବାହାଲ ମଧ୍ୟରେ ଖେଳ ହେବ । ସେହିପରି ୧୨ ତାରିଖରେ ସୁଜିଆ ପଡିଆରେ ୱାଇ.ଏସ୍.ସୁଜିଆ ବନାମ ତେତେଲଖୁଂଟି ଓ କଂଟାବାଞ୍ଜି ରେଲୱେ ପଡିଆରେ ବି.ଏସ୍.ଏଫ୍.ସି କଂଟାବାଞ୍ଜି ବନାମ ଚଟୁଅନକା ଏଫ୍.ସି. ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହେବ । ଏହି ସଭାରେ ସମସ୍ତ ଆୟୋଜନ ସହଯୋଗୀ କର୍ମକର୍ତା ଯୋଗ ଦେଇଥିଲେ । ସମସ୍ତ ପଡିଆମାନଙ୍କରେ ବହୁ କ୍ରୀଡା ପ୍ରେମୀ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି । ପରିଶେଷରେ ସଂସଦର ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ଧନ୍ୟବାଦ ଜଣାଇଥିଲେ ।

# ୩ମାସ ମଧ୍ୟରେ ସମାଧାନ ହେବ ମହାକାଳପଡ଼ା ବଙ୍ଗ ବିସ୍ଥାପିତଙ୍କ ଜମି ସମସ୍ୟା

## ରାଜସ୍ୱ ମନ୍ତ୍ରୀ ଓ ବିଧାୟକଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଲେ ବିସ୍ଥାପିତ ପରିବାର

କେନ୍ଦ୍ରାପଡ଼ା, ୫/୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ବଟୀଘର, ଖରନାସୀ ଓ ରାମନଗର ପଂଚାୟତମାନଙ୍କରେ ଦୀର୍ଘ ଦିନରୁ ବାସବାସ କରୁଥିବା ବଙ୍ଗଳାଦେଶ ବିସ୍ଥାପିତ ପରିବାର ପକ୍ଷରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କୁ କୃତଜ୍ଞନା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି । ଦୀର୍ଘ ୧୨ ବର୍ଷ ହେବ ଏହି ଶରଣାର୍ଥୀ ପରିବାର ପକ୍ଷରୁ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ କରାଯାଇଥିବା ଆନ୍ଦୋଳନ ଓ ଦାବି ପୂରଣ ହେବାରେ ଅଗ୍ରଗତି ଘଟିଛି । ଗତ ନିର୍ବାଚନ ସମୟରେ ବିଧାୟକ ପ୍ରାର୍ଥୀ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ଏହି ସମସ୍ୟାର ସମାଧାନ ପାଇଁ ଆନ୍ତରିକ ଉଦ୍ୟମ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ । ନିର୍ବାଚନରେ ଶ୍ରୀ ନାୟକ ଜିତିବା ସହ ରାଜ୍ୟରେ ବିଜେପି ସରକାର ଗଠିତ ହୋଇଥିଲା । ଫଳରେ ବିଧାୟକ ଶ୍ରୀ ନାୟକଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଗତ ଅଗଷ୍ଟ ୩୦ ତାରଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ଶ୍ରୀ ନାୟକ, ରାଜସ୍ୱ ସଚିବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଓ ତରୁଣକାନ୍ତି କାଞ୍ଜିଲାଲ ଓ ରୋନୀ ହାଲଦାର ପ୍ରମୁଖ ଉପସ୍ଥିତ ରହି ସମସ୍ୟାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ଥିଲା । ଆଗାମୀ ୩ ମାସ ମଧ୍ୟରେ ତଦନ୍ତ କରାଯାଇ ୧୯୭୬ ମସିହାରେ ମିଳିଥିବା ପଟା ଓ କେ-ଫର୍ମ ତଥା ଜଙ୍ଗଲ କିସମ ଜମି ସମ୍ବନ୍ଧୀୟ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ । ଏଠାରେ ସୂଚନାଯୋଗ୍ୟ ଜଙ୍ଗଲ କିସମ ଜମି ସମ୍ବନ୍ଧୀୟ ଆଇନ୍ ୧୯୮୦ ମସିହାରେ ଲାଗୁ କରାଯାଇଥିବାବେଳେ ଏହି ପରିବାରମାନଙ୍କୁ ୧୯୭୬ ମସିହାରେ ପଟା ପ୍ରଦାନ କରାଯାଇଛି । ତେବେ ଦୀର୍ଘ ୧୨ ବର୍ଷ ହେବ ଆନ୍ଦୋଳନ ଚଳାଇଥିବା ତରୁଣକାନ୍ତି କାଞ୍ଜିଲାଲ, ରୋନୀ ହାଲଦାର, ମହେନ୍ଦ୍ର ହାଲଦାର, ସମ୍ରାଟ ମାଝି, ପ୍ରକାଶ ମିର୍ଦ୍ଧା, ଅତଲୁ ପାଲ ଓ ଧନଞ୍ଜୟ ମିର୍ଦ୍ଧା ପ୍ରମୁଖ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ଼ଃ ନାୟକ ଓ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ କୃତଜ୍ଞତା ଜଣଇବା ସହ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଲାଭଜନକ ଫସଲ ଦେଶୀଆଳୁ



ଖମ୍ବଆଳୁ ବା ଦେଶୀଆଳୁ ଏକ ଗ୍ରୀଷ୍ମମଣ୍ଡଳୀୟ କନ୍ଦ ଫସଲ। ଭାରତର ଆନ୍ଧ୍ରପ୍ରଦେଶ, କେରଳ, ଗୁଜୁରାଟ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ତାମିଲନାଡୁ, ମହାରାଷ୍ଟ୍ର ଆଦି ଜିଲ୍ଲାରେ ଖମ୍ବଆଳୁ ଚାଷ ହୁଏ। ଓଡ଼ିଶାର ପୁରପଲ୍ଲୀରେ ଖମ୍ବଆଳୁର ଚାହିଦା ଅନେକ। ଆମ ରାଜ୍ୟରେ ମାଟି ଓ ଜଳବାୟୁ ଖମ୍ବଆଳୁ ଚାଷ ପାଇଁ ଉପଯୋଗୀ। ମାତ୍ର ଚାଷୀମାନଙ୍କ ପାଖରେ ଅଧିକ ଅମଳକ୍ଷମ କିସମର ଉତ୍କୃଷ୍ଟ ବିହନ, ଉନ୍ନତ ଚାଷ ପଦ୍ଧତି ଜ୍ଞାନକୌଶଳର ଅଭାବ ହେତୁ ଓଡ଼ିଶାର ଖମ୍ବଆଳୁ ବ୍ୟାପକ ଭାବେ ଚାଷ ହୋଇପାରୁନାହିଁ।

ମୃର୍ତ୍ତିକା:

ନିଗିଡ଼ା, ଦୋରଷା, ବାଲିଆମାଟି ଖମ୍ବଆଳୁ ଚାଷ ପାଇଁ ଉତ୍କୃଷ୍ଟ । ହାଲୁକା ଏବଂ ଅଧିକ ଜୈବିକ ପଦାର୍ଥ ଥିବା ମାଟିରେ ଖମ୍ବଆଳୁ ଗଛ ଭଲ ବଢ଼େ ଏବଂ ଅଧିକ ଅମଳ ମିଳିଥାଏ। ଜମିରେ ପାଣି ଜମିରହିଲେ ଖମ୍ବଆଳୁ ଫସଲର କ୍ଷତି କରିଥାଏ।

ଲଗାଇବା ସମୟ:

ଖମ୍ବଆଳୁ ମେ'ରୁ ଜୁନ ମାସରେ ଲଗାଇବା ହେଉଛି ପ୍ରକୃଷ୍ଟ ସମୟ।

ଉନ୍ନତ ମିସମ: ଓଡ଼ିଶାରେ ମିଳୁଥିବା ସ୍ଥାନୀୟ କିସମ ମଧ୍ୟରେ ହାତୀଖୋଜ ଖମ୍ବଆଳୁ ଉତ୍କୃଷ୍ଟ ମାନର। ଉନ୍ନତ କିସମ ଦେଶୀଆଳୁ ମଧ୍ୟରେ ଶ୍ରୀ କିର୍ତ୍ତୀ, ଶ୍ରୀ ରୂପା, ଶ୍ରୀ ଶିଳ୍ପା, ଶ୍ରୀ ପ୍ରିୟା ଶ୍ରୀ ଶୁଭ୍ରା ଅନ୍ୟତମ।

ଖମ୍ବଆଳୁ ବିହନ:

ଗୋଟିଏ ବା କଟା ଖମ୍ବଆଳୁ ବିହନ ଭାବେ ବ୍ୟବହୃତ ହୁଏ। ଉପଯୁକ୍ତ ଅମଳ ପାଇବା ପାଇଁ ବିହନ ଖଣ୍ଡଗୁଡ଼ିକ ୧୫୦ରୁ ୨୦୦ ଗ୍ରାମ ଓଜନର ହେବା ଆବଶ୍ୟକ। ଅତି ଛୋଟ ବିହନ ଲଗାଇଲେ ଗଛ ଅଧିକ ହୃଷ୍ଟପୁଷ୍ଟ ହୁଏନାହିଁ ଏବଂ ଅମଳ କମିଯାଏ। ଏକ ଏକର ଫସଲ ପାଇଁ ପ୍ରାୟ ୬ ରୁ ୮ କ୍ୱିଣ୍ଟାଲ ବିହନ ଆଳୁ ଆବଶ୍ୟକ ହୋଇଥାଏ।

ଜମି ପ୍ରସ୍ତୁତ ଓ ବିହନ ଲଗାଇବା ପ୍ରଣାଳୀ:

ଜମିର ପ୍ରକାର ଅନୁସାରେ ୨ରୁ ୩ ଓଡ଼ ଗଭୀର ଚାଷ କରନ୍ତୁ। ମହି ଦେଇ ମାଟି ଭଲ ଭାବେ ଗୁଣ୍ଡ କରି ସମତୁଲ କରନ୍ତୁ। ଧାଡ଼ିରୁ ଧାଡ଼ି ୯୦ ସେମି ଏବଂ ଗଛକୁ ଗଛ ୯୦ ସେମି ବ୍ୟବଧାନରେ ୪୫ସେମି ଗଭୀର ଏବଂ ୪୫ ସେମି ଗୋଲେଇର ଗାତ ଖୋଳନ୍ତୁ। ଜମି ଉପରର ଉର୍ବରମାଟି ସହିତ ଗୋବର ଖତ ଭଲ ଭାବେ ମିଶାଇ ଗାତଗୁଡ଼ିକରେ ଭରନ୍ତୁ। ପ୍ରତି ଗାତରେ ଗୋଟିଏ କରି ବିହନ ଆଳୁ ୫ରୁ ୮ ସେମି ଗଭୀରରେ ପୋତି ମାଟି ଘୋଡ଼ାଇ ଦିଅନ୍ତୁ। ବିହନ ଲଗାଇବା ପରେ ମାଟି ଗୁଡ଼ିକ ୨ ଇଞ୍ଚ ବହଳର ଶୁଖିଲାପତ୍ର ବା ଛଣ ବିଛାଇଲେ ଫସଲ ଭଲହୁଏ। ମାଟି ପରୀକ୍ଷା କରି ମାଟିର ଉର୍ବରତା ଅନୁସାରେ ସାର ଓ ଖତ ପ୍ରୟୋଗ କରିବା ଆବଶ୍ୟକ। ମାଟିର ଉର୍ବରତା ବଜାୟୀ ରଖିବା ପାଇଁ ହେକ୍ଟରପ୍ରତି ୧୦ ଟନ୍ ଗୋବରଖତ, ୮୦ କେଜି ଯବକ୍ଷାରଯାନ, ୬୦କେଜି ଫସ୍‌ଫରସ ଏବଂ ୮୦ କେଜି ପଟାସ ସାର ପ୍ରୟୋଗ କରିବା ଦରକାର।

# ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ



କ୍ଷୀର ଆମମାନଙ୍କ ପାଇଁ ଏକ ସଂପୂର୍ଣ୍ଣ ଆହାର ଭାବେ ବିବେଚନା କରାଯାଏ। ଏଥିରେ ଉଭୟ ଶକ୍ତି ଓ ପୁଷ୍ଟିସାର ଉପାଦାନ ଭରପୁର ରହିଥାଏ। କ୍ଷୀରରେ ମଧ୍ୟ ବିଭିନ୍ନ ପ୍ରକାର ଜୀବାଣୁ ରହିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଉପକାର ଜୀବାଣୁ କ୍ଷୀରକୁ ଦହିରେ ରୂପାନ୍ତରିତ କରିଥାନ୍ତି। ସେହିପରି କେତେକ ଅପକାରୀ ଜୀବାଣୁ କ୍ଷୀରକୁ ଦୂଷିତ ବା ନଷ୍ଟ କରିଦିଅନ୍ତି। ଏଣୁ ଏହି ପ୍ରକାର ଜୀବାଣୁ ସୃଷ୍ଟିକୁ କମ୍ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ୍।

ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ:

ବିଶୁଦ୍ଧ ଦୁଗ୍ଧ ସଫା ଗୁହାଳରେ ଥିବା ସୁସ୍ଥ ଗାଈଠାରୁ ମିଳିଥାଏ। ଏଥିରେ ଧୂଳିମଳି ଏବଂ ବାହ୍ୟ ପଦାର୍ଥ ଯଥା କୁଟା ଆଦି ନଥାଏ। ଏହି କ୍ଷୀରରେ ଜୀବାଣୁ ସଂଖ୍ୟାକମ ଥାଏ ଏବଂ ସଂକ୍ରମ ଜୀବାଣୁ ପ୍ରାୟ ନଥାଏ।

କ୍ଷୀର ଦୁହିଁବା କୌଶଳ:

ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ ପାଇଁ ଗାଈ ଦୁହାଁଳି, ସଫା ଗୁହାଳରେ କ୍ଷୀର ଦୁହିଁବା ପୂର୍ବରୁ ଗାଈର ପହ୍ନାକୁ ଧୋଇ ସଫା କରିବା ଦରକାର। ଏହା ସହ ଗାଈ ଦୁହାଁଳି ମଧ୍ୟ କିଛି ସାବଧାନତା ଅବଲମ୍ବନ କରିବା ଦରକାର। ଯେପରିକି ନଖ କଟା ହୋଇଥିବ, ହାତ ଭଲଭାବେ ସାବୁନରେ ଧୁଆ ହୋଇଥିବ, ସେ ପାନ ବା ଅନ୍ୟ କିଛି ସେହି ସମୟରେ ଖାଉ ନଥିବ, ଯଥାସମ୍ଭବ କମ କଥାବାର୍ତ୍ତା କରିବ ଏବଂ ମୁଣ୍ଡରୁ ଯେପରି ବାଳ ଉଡ଼ିକ୍ଷୀରରେ ନପଡ଼େ ସେଥିପାଇଁ ଯତ୍ନବାନ ହେବ। କ୍ଷୀର ଦୁହିଁବା ଜାଗାକୁ ମଧ୍ୟ ଭଲଭାବେ ସଫା କିରବା ଦରକାର। ଏହା ସହ ପ୍ରତ୍ୟେକ ଚିରର ପ୍ରଥମ ଦୁଇ ତିନି ଧାର କ୍ଷୀର କାଢ଼ି ବାହାରେ ଫିଙ୍ଗିଦେବ, କାରଣ ଏଥିରେ ଅଧିକ ସଂଖ୍ୟକ ଜୀବାଣୁ ଥାନ୍ତି। କ୍ଷୀର ଦୁହିଁଲା ବେଳେ ଏହାର ବାସନକୁସନକୁ ମଧ୍ୟ ଲକ୍ଷ୍ୟ କରିବ।

କ୍ଷୀର ଦୂଷିତ ହେବାର କାରଣ:

- ଗାଈକୁ ଥନହରା ରୋଗ ହେଲେ କ୍ଷୀର ଦୂଷିତ ହୋଇଥାଏ।
- ଗାଈର ପହ୍ନା, ଚିର ଓ ପଛ ଫିଆରେ ଲାଗିଥିବା ମଳି, ମାଟି, ଗୋବର ଲାଗିବା ଦ୍ୱାରା ଅପରିଷ୍କାର ଗୁହାଳ, ମଇଳାପାଣି, କ୍ଷୀର ଦୁହାଁ ଜାଗା ମଇଳା ହୋଇଥାଏ।
- ଏହା ସହ ଦୁହାଁଳିର ମଇଳା ହାତ, ହାତରେ ଘା' ଇତ୍ୟାଦି ଥିଲେ, ଦୁହାଁଳିର ମଇଳା ଲୁଗା, କଫ, କାଶ, ଛେପ ଇତ୍ୟାଦି ପଡ଼ିବା ଦ୍ୱାରା ମଧ କ୍ଷୀର ଦୂଷିତ ହୋଇଥାଏ।
- ଏହାଛଡ଼ା ଦୁହାଁଳି ମଧ୍ୟ ସଠିକ ପ୍ରଣାଳୀ କ୍ଷୀର ଦୁହିଁବା ଦରକାର।

ବିଭିନ୍ନ ପ୍ରକାର ଦୁଗ୍ଧ ଦୁହିଁବା ପ୍ରଣାଳୀ:

ଆଙ୍ଗୁଠିରେ ଚିପି ଦୁହିଁବା: ଦୁହାଁଳି ବୃଦ୍ଧା ଆଙ୍ଗୁଳି ଓ ତର୍ଜନି ଦ୍ୱାରା ଚିରକୁ ତଳକୁ ଟାଣି, ଦବାଇ କ୍ଷୀର ଦୁହେଁ ଓ ଏହାଦ୍ୱାରା କ୍ଷୀର ଏକ କ୍ଷାର ହିସାବରେ ବହିଆସେ।

ହାତ ମୁଠା ଦୁହଁ: ଏହି ପ୍ରଣାଳୀ ଦୁହାଁଳି ଚିରକୁ ପାଞ୍ଚ ଆଙ୍ଗୁଳିରେ ଧରି ପାଉଳି ସହ କ୍ରମନ୍ୱୟରେ ଚିପିଥାଏ ଓ ଛାଡ଼ିଥାଏ, ଫଳରେ କ୍ଷୀର ବାହାରେ।

ସୁବିଧା: ମୁଠା ଦୁହାଁ ଫଳରେ ଗାଈକୁ ବାଛୁରୀ ପିଇଲାପରି ଲାଗେ। ତେଣୁ ଗାଈକୁ ଅସୁବିଧା ହଏନାହିଁ। ଚିର କ୍ଷତିହୁଏ ନାହିଁ। ଚିରର କ୍ଷୀର ନଳୀର ମାଂସପେଶୀର କ୍ଷତିହୁଏ ନାହିଁ।

# ସୌରଚାଳିତ ପମ୍ପସେଟ୍

ପାରମ୍ପରିକ ଶକ୍ତି ଉତ୍ସ ବ୍ୟବହାର ମହଙ୍ଗା ଏବଂ ଅନେକ ସମୟରେ ସମୟ ସାପେକ୍ଷ ହେଉଥିବାରୁ କୃଷକମାନେ ସମ୍ପ୍ରତି ସୌରଶକ୍ତି ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ବିଶେଷକରି ଜଳସ୍ତର ହ୍ରାସ ପାଇବା ସହିତ ବିଦ୍ୟୁତ୍ ଶକ୍ତି ନିଅଣ୍ଟ ହେଉଥିବା ପରିପ୍ରେକ୍ଷୀରେ ମହାରାଷ୍ଟ୍ରର ବିଜୟପୁରା ଜିଲ୍ଲାର କୃଷକମାନେ ଅଧିକ ସଂଖ୍ୟାରେ ସୌରଶକ୍ତି ଚାଳିତ ପମ୍ପସେଟ୍ ବ୍ୟବହାର କରୁଛନ୍ତି। ବିଶେଷକରି ଉଦ୍ୟାନକୃଷିର ନିୟୋଜିତ କୃଷକମାନେ ଏବେ ଏଭଳି ପମ୍ପସେଟକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଉଦ୍ୟାନକୃଷି ଚାଷୀମାନେ ମୁଖ୍ୟତ। ଲେମ୍ବୁ, ଅଙ୍ଗୁର ଏବଂ ଡାଳିମ୍ବ ଚାଷ କରୁଛନ୍ତି। ସେମାନେ ଏଥିପାଇଁ ନିରବଚ୍ଛିନ୍ନ ଜଳ ଯୋଗାଣ ଆବଶ୍ୟକ କରୁଛନ୍ତି। ପାଣି ଯଥେଷ୍ଟ ନହେଲେ ସେମାନଙ୍କୁ ୮ଘଣ୍ଟା ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସହିତ ପାଣି ଯୋଗାଉଛି। ପୂର୍ବରୁ ସୋମନେ ତିନି ଫେଜ ବିଦ୍ୟୁତ ଲାଇନରୁ ମାତ୍ର ୩ ରୁ ୪ଘଣ୍ଟା ବିଦ୍ୟୁତ ଶକ୍ତି ପାଉଥିଲେ ଏବଂ ସେଥିପାଇଁ ସେମାନଙ୍କୁ ଜଗି ରହି ପାଣି ମଡ଼ାଇବାକୁ ପଡୁଥିଲା। ଅନେକ ସମୟରେ ତାହା ସେମାନଙ୍କ ଚାହିଦା ମେଣ୍ଟାଇ ପାରୁନଥିଲା। ଏବେ ସେମାନେ ନିଜ ସୁବିଧା ସମୟରେ ପାଣି ମଡ଼ାଉଛନ୍ତି। ଜମିରେ ଥିବା ଗଭୀର ନଳକୂଅରୁ ଏହି ପମ୍ପ ସହାୟତାରେ ସହାଜରେ ପାଣି ଉଠାଇ ହେଉଛି ବୋଲି ତିଡ଼ାଗୁଣ୍ଡି ଜିଲ୍ଲାର ଜଣେ ଅଙ୍ଗୁର ଚାଷୀ ମଞ୍ଜୁନାଥ ପାଟିଲ କୁହନ୍ତି। ସେ ତାଙ୍କର ୩୦ ଏକର ଅଙ୍ଗୁର ବଗିଚାରେ ଦୁଇଟି ଏହିଭଳି ପମ୍ପସେଟ ସ୍ଥାପନ କରିଛନ୍ତି। ସୌରଶକ୍ତି ଚାଳିତ ଏକ



ଗଛ ମରିଯିବାର ଆଶଙ୍କା ରହିଛି। ସେମାନଙ୍କୁ ନୂଆ ଚାରା ଲଗାଇବାକୁ ହେଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ଏବଂ ସେଥିରେ ଫଳ ଧରିବାକୁ ଅନ୍ୟୁନ ତିନିବର୍ଷ ଲାଗିଯିବ ବୋଲି ଜଣେ ଅଙ୍ଗୁର ଚାଷୀ ମହନ୍ତେଶ ଚୌହାନ କହିଛନ୍ତି। ଏଭଳି ପରିସ୍ଥିତିରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଚାଷୀମାନେ ସୌରଚାଳିତ ପମ୍ପସେଟ ବ୍ୟବହାରର କରିବା ଆରମ୍ଭ କରିଥିଲେ। ସୌରଚାଳିତ ପମ୍ପସେଟ ୫ ଏଚପି ପମ୍ପସେଟ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହୋଇଥିବା ବେଳେ ୧୦ଏଚପି ପମ୍ପସେଟ ମୂଲ୍ୟ ୯ଲକ୍ଷ ଟଙ୍କା ଏବଂ ୧୫ ଏଚପି ପମ୍ପସେଟ ମୂଲ୍ୟ ପ୍ରାୟ ୧୩ଲକ୍ଷ ଟଙ୍କା ପଡୁଛି। ଓଡ଼ିଶାରେ ମଧ ଏହି ପମ୍ପସେଟ ଉପଲବ୍ଧ। ଓଡ଼ିଶାରେ ୧ ଏଚପି ପମ୍ପସେଟର ମୂଲ୍ୟ ୧ଲକ୍ଷ ଟଙ୍କା ହୋଇଥିବା ସରକାର ଏଥିରେ ୩୦ ପ୍ରତିଶତ ସବସିଡ଼ ପ୍ରଦାନ କରୁଛନ୍ତି।

# ଫ୍ୟାଶନେବୁଲ ବ୍ରେସ୍‌ଲେଟ୍



ପରଫେକ୍ଟ ଲୁକ୍ ଦେବା ପାଇଁ ଅନେକ ପ୍ରକାର ଅଳଙ୍କାରମାନଙ୍କୁ ମହିଳାମାନେ ଆଭୂଷଣ ରୂପେ ବ୍ୟବହାର କରିଥାନ୍ତି। ଏହି ଅଳଙ୍କାରମାନଙ୍କ ମଧ୍ୟରେ ହାତକୁ ସୁନ୍ଦର କରିବା ପାଇଁ ବର୍ତ୍ତମାନ ଚୁଡ଼ି ପ୍ରତି ବଦଳରେ ନାରୀମାନେ ବ୍ରେସଲେଟ ଏବଂ ସୁନ୍ଦର ବ୍ୟାଣ୍ଡକୁ ବ୍ୟବହାର କରିବାରେ ଲାଗିଛନ୍ତି। ଏହି ଦୌଡ଼ରେ ମହିଳମାନଙ୍କର ପ୍ରଥମ ପସନ୍ଦ ସାଜିଛି କଣ୍ଟ ପ୍ୟାଟର୍ଣ୍ଣ ସହିତ ୱାଟର ଫଲ ସିନେରୀ କିମ୍ବା ଧାର୍ମିକ ଚିହ୍ନ ବା ସଂକେତ ରହିଥିବା ବ୍ରେସ୍‌ଲେଟ୍ ଏବଂ ମୋତି, ଷ୍ଟୋନ ଏବଂ ରିବନ ଟ୍ୟୁବ ଆଦି ବେଶ ଅଧିକ ଦେଖିବାକୁ ମିଳିଥାଏ। ତେବେ ବର୍ତ୍ତମାନ ସମୟରେ ଏହି ଚଳଣୀ ଦ୍ରୁତ ଗତିରେ ବଢୁଛି।

# ବୋତଲରେ ବଗିଚା

କେହି ବୋତଲରେ ଏକ ବଗିଚା କରିବା କଥା କେବେ ଚିନ୍ତା କରିଛନ୍ତି କି ? ଅବଶ୍ୟ ଅନ୍ୟମାନଙ୍କ ଠାରୁ କିଛି ଭିନ୍ନ କରିବା ଚିନ୍ତା କରୁଥିବା ବ୍ୟକ୍ତି ଏହିଭଳି କାର୍ଯ୍ୟ କରିପାରିବେ। ଜଣେ କିଛି ସମୟ ଓ ପରିଶ୍ରମ କଲେ ଏଭଳି ଏକ ବୋତଲ ବଗିଚା ନିଜ ଘରେ କରିପାରିବେ। ଏହି ବୋତଲ ବଗିଚା ସାଧାରଣତଃ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ସହରା*ଳରେ ଥିବା ଆପାର୍ଟମେ[ ଗୁଡ଼ିକ ନିମନ୍ତେ ଏକ ବାଲକୋନି ଅଥବା ଟେରାସ ଗାର୍ଡ଼େନ୍ ବଦଳରେ ବଟଲ୍ ଗାର୍ଡ଼େନ୍ ଉପଯୋଗୀ ହୋଇପାରିବ।



ବୋତଲ ବଗିଚା ପାଇଁ ଆମେ ବ୍ୟବହାର କରୁଥିବା ପାଣି ବୋତଲ ଅଥବା ମୃଦୁ ପାନୀୟ ବୋତଲକୁ ବ୍ୟବହାର କରାଯାଇପାରିବ। ଖୁବ କମ୍ ସୂର୍ଯ୍ୟକିରଣ ପାଇ ବୋତଲ ଭିତରେ ଗଛ ଗୁଡ଼ିକୁ ବଢ଼ାଯାଇପାରିବ ଏବଂ ତାହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେହିଭଳି ବୋତଲ ଭିତରେ ରଖାଯାଇପାରିବ।

ବୋତଲ ଭିତରେ ଗଛ ବଞ୍ଚୁଛି କିପରି:

ପ୍ରାଥମିକ ସ୍ତରରେ ବୋତଲ ଭିତରେ ସେତେବେଳେ ଗଛଟିଏ ଲଗାଯାଉଛି ସେତେବଳେ ସେଥିରେ ସାମାନ୍ୟ କିଛି ପାଣି ଦିଆଯାଏ। ବୋତଲ ଭିତରେ ଥିବା ପବନ ଗଛ ପାଇଁ ଆବଶ୍ୟକ ଅମ୍ଳଜାନ ଯୋଗାଏ। ସେଥିରୁ ଅଙ୍ଗାରକାମ୍ଳ ମଧ୍ୟ ମିଳିଯାଏ। ସୂର୍ଯ୍ୟକିରଣ ବ୍ୟବହାର କରି ଜଳ ଓ ଅଙ୍ଗାରକାମ୍ଳ ବାଷ୍ପରୁ ଶର୍କରା ପ୍ରସ୍ତୁତ ହୁଏ। ଏହି ସମୟରେ ଯେଉଁ ଅମ୍ଳଜାନ ନିର୍ଗତ ହୁଏ ତାହା ବୋତଲ ଭିତରେ ବନ୍ଦ ହୋଇ ରହେ ଏବଂ ପୁରି ତାହା ଗଛର ଶ୍ୱାସପ୍ରଶ୍ୱାସ ନିମନ୍ତେ ବ୍ୟବହାର କରାଯାଏ। ଏହିଭଳି ଏକ ଚକ୍ର ଲାଗିରହିବା ଦ୍ୱାରା ଗଛଟି ଏକ ସ୍ୱାବଲମ୍ବୀ ପରିବେଶରେ ବଞ୍ଚି ରହେ।

ବୋତଲ ବଗିଚା କରିବେ କିପରି:

ଏକ ବୋତଲ ଗାର୍ଡ଼େନ ତିଆରି କରିବା ସହଜ କେବଳ ଏଭଳି ଏକ ଗଛ ବାଛିବାକୁ ହେବ ଯାହା ଘର ଭିତରେ କମ୍ ସୂର୍ଯ୍ୟ କିରଣକୁ ସହି ପାରୁଥିବ। ତାହା ସହିତ ବୋତଲ ଭିତର ଆର୍ଦ୍ରତାକୁ ସହିପାରୁଥିବ। ତାହାର ପତ୍ର ରଙ୍ଗ ଓ ଆକାର ଆକର୍ଷଣୀୟ ହୋଇଥିବ। ଏହା ବଛାଯିବା ପରେ ଆକର୍ଷଣୀୟ ଦେଖାଯାଉଥିବା ଏକ ବୋତଲ ଆଣନ୍ତୁ।

- ବୋତଲ ଆକ୍ୱାରିୟମରେ ବ୍ୟବହାର କରାଯାଉଥିବା ମୋଟା ବାଲି ଏକ ଚାମଚ ବିଛାନ୍ତୁ। ଏହାହେଲେ ମୃତ୍ତିକା ତଳେ ଯଦି କିଛି ପାଣି ବଳକା ରହୁଚି ତାହା ଆପଣ ଜାଣିପାରିବେ।
- ବାଲି ଉପରକୁ ଏକ ଇଞ୍ଚ ପର୍ଯ୍ୟନ୍ତ ବହଳର ଅନାବନା କାଠିକୁଟା ସଫା ହୋଇଥିବା ମାଟି ବିଛାନ୍ତୁ। ଅଳ୍ପକିଛି ପାଣିଦେଲେ ତାହା ବାଲି ଉପରେ ବସିଯିବ। କିନ୍ତୁ ପାଣି ଏମିତି ଦିଅନ୍ତୁ ଯେଭଳି ତାହା କେବଳ ସେହି ମୃତ୍ତିକାକୁ ଓଦା କରିପାରୁଥିବ। ଏହାପରେ ତାହା ଉପରକୁ ସେହଭଳି ମାଟି ଓ ପାଣି ଦେଇ ଚାଲନ୍ତୁ, ଯେମିତି ତାହା ଗଛଟି ପାଇଁ ଉପଯୁକ୍ତ ହେବ।
- ବୋତଲ ଭିତରୁ ଅଧିକ ପାଣି ବାହାର କରିବାକୁ ଏକ ଡ୍ରପର ବ୍ୟବହାର କରନ୍ତୁ। ଏହାପରେ ଗଛକୁ ବୋତଲ ଭିତରେ ଲଗାଇ ପୁଣି ମାଟି ଓ ପାଣି ଦିଅନ୍ତୁ ଯେମିତି ଗଛର କାଣ୍ଡ ଓ ଚେର ମାଟି ଭିତରେ ପୋତି ହୋଇରହିବ। ମାଟିରେ ଯେଭଳି ଅଧିକ ପାଣି ନରହିବ ସେଥିପ୍ରତି ସର୍ବଦା ଧ୍ୟାନ ଦିଅନ୍ତୁ। ଅଧିକ ପାଣି ଗଛ ପାଇଁ ଘାତକ ହୋଇପାରେ।
- ବୋତଲର ଆକାର ବଡ଼ ଥିଲେ ବାଲି ବଦଳରେ ତଳ ଭାଗରେ ୧୦ ମିଲିମିଟର ଆକରର କିଛି ଭଙ୍ଗା ଇଟା ରଖାଯାଇପାରେ। କାରଣ ଏହା ଅଧିକ ଜଳକୁ ଆବଶ୍ୟକ ସ୍ଥଳେ ଶୋଷି ନେଇପାରିବ।
- ବୋତଲରେ ବ୍ୟବହାର କରାଯାଉଥିବା ମାଟି ନରମ ହେବା ଦରକାର। କାରଣ ବୋତଲ ଭିତର ଉକ୍ତ ମାଟିକୁ ଥରେ ପ୍ରବେଶ କରାଇବା ପରେ ତାହାକୁ ଖସେଇବା ସହଜ ହେବନାହିଁ। ମାଟି ପ୍ରସ୍ତୁତି ସମୟରେ ଏକ ଭାଗ ବଗିଚାର ଲାଲ ମୃତ୍ତିକା, ଏକ ଭାଗ ଗୁଣ୍ଡ କରାଯାଇଥିବା ଇଟା ଏବଂ ଏକ ଭାଗ ଭଲ ଭାବରେ ପ୍ରସ୍ତୁତ ହୋଇଥିବା ଖତ ନିଆଯିବା ଆବଶ୍ୟକ।
- ଫିମ୍ପି ଓ କୀଟପୋକରୁ ସୁରକ୍ଷା ନିମନ୍ତେ କିଛି କବକମାରୀ ଓ କୀଟନାଶକ ମୃତ୍ତିକାରେ ମିଶ୍ରଣ କରିବାକୁ ହେବ। ପ୍ରଥମେ ତାହାକୁ ପାଣିରେ ମିଶାଇବାପରେ ମୃତ୍ତିକାରେ ମିଶାଯିବା ଉଚିତ। ଏଥିନିମନ୍ତେ ବଛାଯାଉଥିବା ଗଛ ଅତି ମନ୍ଥର ଗତିରେ ବଢୁଥିବା ଆବଶ୍ୟକ। ଗଛ ଲଗାଇବା ପରେ ବୋତଲକୁ ଏକ ଝରକା ନିକଟରେ ରଖ। କିନ୍ତୁ ଏହାକୁ ସିଧାସଳଖ ସୂର୍ଯ୍ୟ କିରଣରୁ ଦୂରରେ ରଖାଯିବା ଆବଶ୍ୟକ। ଗଛ ଲଗାଇବାପରେ ବୋତଲ ମୁହଁକୁ ବନ୍ଦ କରିଦିଅନ୍ତୁ। ସେହି ବନ୍ଦ ବୋତଲ ଭିତରେ ଗଛଟି ବଢ଼ିବା ଆରମ୍ଭ କରିବ।






# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୬ ସେପ୍ଟେମ୍ବର ୨୦୨୪, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜୈବ ପରିବେଶ ଓ ଆଧ୍ୟାତ୍ମିକତା...

ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ବିଶ୍ୱ ମାନବ ସମାଜ 'ବିଜ୍ଞାନ ଓ ଯାନ୍ତ୍ରିକତା'ରେ ଅନେକ ଉନ୍ନତି ସାଧନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ବିକାଶ ପାଇଁ ଏ ସବୁକୁ ବିନିଯୋଗ କଲାବେଳେ ମଣିଷ ନିଜ ବଡ଼ଭାଇ ପଣିଆ ଜାହିର କରିବାକୁ ଯାଇ ଉଦ୍ଭିଦ ଓ ଜୀବଜନ୍ତୁ ଇତ୍ୟାଦିଙ୍କ ଥିବା ତ୍ରିପକ୍ଷୀୟ ପାରିପାର୍ଶ୍ୱିକ ସନ୍ତୁଳନ ବା ସହାବସ୍ଥାନକୁ ନଷ୍ଟ ଭ୍ରଷ୍ଟ କରିଦେଇଛି। ପ୍ରାୟତଃ ସମସ୍ତ ପ୍ରାକୃତିକ ସମ୍ପଦ, ଯାହାସବୁ ପୃଥିବୀକୁ ସମଗ୍ର ସୌର ମଣ୍ଡଳରେ ଏକମାତ୍ର ଜୀବନ୍ତ ଗ୍ରହ ବୋଲି ପରିଚୟ ଦେଉଛି, ତାହା ନିଃଶେଷ ହେବାକୁ ବସିଲାଣି। ଆମକୁ ନିହାତି ଭାବରେ ମନେରଖିବାକୁ ପଡ଼ିବ ଯେ ଆକାଶ, ପବନ, ପକ୍ଷୀ, ପାହାଡ଼ ପର୍ବତ, ଜଙ୍ଗଲ ଏବଂ ସେଠି ବିଚରଣ କରୁଥିବା ଜୀବଜନ୍ତୁ, ସରୀସୃପ, ପୋକ ମାଛି, ମାଛ, ସାମୁଦ୍ରିକ ଜୀବ ଅଥବା ଜଳଜ ଉଦ୍ଭିଦ ଇତ୍ୟାଦି ପ୍ରାକୃତିକ ସର୍ଜନା ସବୁ ଏକ ଅବିଚ୍ଛିନ୍ନ ବନ୍ଧନ ଦ୍ୱାରା ସମ୍ପର୍କିତ ଏବଂ କେହି କାହାକୁ ଛାଡ଼ି ତିଷ୍ଠିବା ଅସମ୍ଭବ। ସାମଗ୍ରିକ ବା ବୈଶ୍ୱିକ ଅର୍ଥରେ ମାନବ ସମାଜ ଏହି ବୃହତ୍ତର ବ୍ୟବସ୍ଥା ବା ଶୃଙ୍ଖଳ ମଧ୍ୟରେ ଗୋଟିଏ ଅଂଶ। ବାୟୁ, ଜଳ ଓ ମାଟି, ଯାହା ଏ ପୃଥିବୀ ନାମକ ଗ୍ରହରେ ଜୀବନର ଆଧାର, ବାସ୍ତବପକ୍ଷେ ତାହା ସବୁ ଏବେ ନିରନ୍ତର ମଣିଷର ଅବିଚାରିତ ଏବଂ ଅହଂପୂର୍ଣ୍ଣ ଉପଯୋଗ ଦ୍ୱାରା ପ୍ରଦୂଷିତ ହୋଇ ସାରିଲାଣି। ଯାହାଫଳରେ ଅନେକ ପ୍ରକାରର ଅଜଣା ରୋଗର ଆବିର୍ଭାବ ହେଉଥିଲା ବେଳେ ବହୁପୂର୍ବରୁ ଲୋପ ପାଇ ଯାଇଥିବା ଜଣାଶୁଣା ରୋଗ ଅଧିକ ସଂକ୍ରାମକ ହୋଇ ଫେରିବାର ଦେଖାଗଲାଣି। ବାୟୁ ପ୍ରଦୂଷଣ ଅଧିକ ହେବା ଯୋଗୁଁ ଶ୍ୱାସନଳୀ ସଂକ୍ରମଣ ତଥା ଅନ୍ୟାନ୍ୟ ଶ୍ୱାସତନ୍ତ୍ର ସମ୍ବନ୍ଧୀୟ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଲାଣି। କୃଷିକର୍ମଣରେ ବହୁଳ ବ୍ୟବହୃତ କୀଟନାଶକ ଔଷଧ ଜୀବଜଗତର ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବହୁ ଜୀବ ଜନ୍ତୁ ତଥା ପକ୍ଷୀମାନଙ୍କର ବିଲୋପର କାରଣ ହୋଇ ସାରିଲାଣି। ଏହାଦ୍ୱାରା ମାଟିର ଉର୍ବରତା ହ୍ରାସ ପାଇ କୃଷି ଉତ୍ପାଦନ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଏହାର ପ୍ରଭାବରେ ଅତିଶୀଘ୍ର ମାନବ ସମାଜ ପାଇଁ ଖାଦ୍ୟ ନିରାପତ୍ତା ବିପନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜୀବ ଜଗତ ତିଷ୍ଠି ରହିବାର ଅନ୍ୟତମ ଆଧାର ଜଳ। କିନ୍ତୁ ମଣିଷର ଅବିଚାରିତ ବ୍ୟବହାର ଦ୍ୱାରା 'ଜଳ ଗହଳେ ସୃଷ୍ଟି ନାଶ' ଅଥବା 'ଜଳ ବହୁନେ ସୃଷ୍ଟି ନାଶ' ଭଳି ଘନ ଘନ ପ୍ରାକୃତିକ ବିପର୍ଯ୍ୟୟର କଳା ବାଦଲ ଢାଙ୍କି ହୋଇ ଗଲାଣି ସମଗ୍ର ମାନବ ସମାଜ ଉପରେ। ବିକାଶ ଆଳରେ ଭୂତଳ ଜଳ ନିଃଶେଷ ହେଉଥିବା ବେଳେ ବର୍ଷାଜଳ ସମୁଦ୍ରକୁ ବହି ଯାଉଛି। ନିଦାଘ ଖରାରେ ବ୍ୟବହାରଯୋଗ୍ୟ ବା କୃଷି କାର୍ଯ୍ୟ ପାଇଁ ଜଳର ଅଭାବରେ ଲୋକମାନେ ଦୁର୍ବିପାକର ସମ୍ମୁଖୀନ ହେଉଥିବା ବେଳେ ପୁଣି ବାଦଲଫଟା ବର୍ଷା ଯୋଗୁଁ ଅଚାନକ ବନ୍ୟା ବା ପ୍ରଚଣ୍ଡ ଭୂସ୍ଖଳନ ଅଗଣିତ ଲୋକଙ୍କର ମୃତ୍ୟୁର କାରଣ ହୋଇ ତଥାକଥିତ ବିକାଶର ଧାରାକୁ ନେଇଯାଉଛି ଅନେକ ବର୍ଷ ପଛକୁ। ଯାହା ପ୍ରତୀୟମାନ ହେଉଛି, ମାନବ ସମାଜ ବିକାଶ ପଛରେ ଧାଇଁବାର ଅତୋଷଣୀୟ ମାନସିକତା ଯୋଗୁଁ ପ୍ରକୃତିର ସ୍ୱାଭାବିକ ଧାରାକୁ ବଦଳାଇବାକୁ ଯାଇ ଜୈବ ଶୃଙ୍ଖଳାରେ ଥିବା ଅନେକ ପ୍ରାକୃତିକ ସର୍ଜନାକୁ ଲୋପ କରି ନିଜ ପାଇଁ ବିପଦକୁ ଆହ୍ୱାନ କରିଚାଲିଛି। ସୁତରାଂ ମାନବ ସଭ୍ୟତାର ସ୍ଥାୟିତ୍ୱ ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ସବୁଠୁଁ ଅଧିକ ବର୍ତ୍ତମାନ ସମୟରେ। ବିକାଶ ପାଇଁ ହେଉଥିବା ଯୋଜନାର ପ୍ରଥମ ପାହାଚରେ ପରିବେଶର ସାଲିସ୍‌ବିହୀନ ସୁରକ୍ଷାକୁ ଧ୍ୟାନ ଦିଆଯିବା ଉଚିତ। ପ୍ରତ୍ୟେକଟି ମଣିଷ ନିଜର ଚିନ୍ତାଧାରା, କାର୍ଯ୍ୟ ଏବଂ ଯୋଜନା ସବୁକୁ ପରିବେଶ ବିଜ୍ଞାନ ଅନୁସାରେ ସଂରଚନା କରିବା ଆବଶ୍ୟକ। ଏହାବ୍ୟତୀତ ଦ୍ୱିତୀୟ ପନ୍ଥା ନାହିଁ। ଅଧିକନ୍ତୁ ବିଶ୍ୱ ତାପନର ଧ୍ୱଂସମୁଖୀ ପ୍ରଭାବର ଆଶଙ୍କା ବୈଜ୍ଞାନିକମାନେ ଅନୁମାନ କରୁଥିବା ସମୟରେ ଯଥେଷ୍ଟ ଆଗରୁ ଏହା ଅନୁଭୂତ ହୋଇ ସାରିଲାଣି। ତିଷ୍ଠି ରହିବାର ସମସ୍ୟା ବର୍ତ୍ତମାନ କହିବାକୁ ଗଲେ ଯେମିତି ସମସ୍ତ ବିଶ୍ୱବାସୀଙ୍କ ଦ୍ୱାରରେ ଉପନୀତ। ସେଥିପାଇଁ ଜନବହୁଳ ଦେଶମାନଙ୍କର ପ୍ରଶାସକ ତଥା ନୀତି ନିର୍ଦ୍ଧାରକମାନେ ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ସବୁ ହାତକୁ ନେବା ଆବଶ୍ୟକ। ସେ ଦିଗରେ ଆହ୍ୱାନ ଅବଶ୍ୟ ଅନେକ। ପରିବାର ସହିତ ଅବିଚ୍ଛିନ୍ନ ସମ୍ପର୍କକୁ ବିଚାରକୁ ନେଇ ମାନବ ସଭ୍ୟତାର ବିକାଶକୁ ପୁନର୍ମୂଲ୍ୟାୟନ କରିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବ୍ୟକ୍ତିଗତ ସ୍ତରରେ ଆଧ୍ୟାତ୍ମିକ ଜ୍ଞାନର ମୂଳଭିତ୍ତି ଏ ଦିଗରେ ସାହାଯ୍ୟ କରିପାରିବ। ଅଦୃଶ୍ୟ ସ୍ରଷ୍ଟାଙ୍କ ସଂରଚନାରେ ପ୍ରକୃତିର ବିବିଧତା ଯେ ରୂପ ପାଇଛି ଏବଂ ଏକ ଅବିଚ୍ଛିନ୍ନ ବନ୍ଧନ ଦ୍ୱାରା ସମଗ୍ର ଜୀବଜଗତ ତିଷ୍ଠି ରହିଛି, ଏହା ହିଁ ତ ଆଧ୍ୟାତ୍ମିକତାର ସାର ମର୍ମ। ତେଣୁ ମଣିଷର ପାର୍ଥିବ ଓ ଆତ୍ମିକସ୍ତର ମଧ୍ୟରେ ସନ୍ତୁଳନ ସେହି ଆଧ୍ୟାତ୍ମିକତା ଦ୍ୱାରା ହିଁ ସମ୍ଭବ।



## ବାଲି ତୃତୀୟା

### ଅଲେଖ ଚନ୍ଦ୍ର ସାମଲ

ବାଲି ତୃତୀୟା ବ୍ରତ ଭାଦ୍ରବ ମାସ ଶୁକ୍ଲପକ୍ଷ ତୃତୀୟା ଦିନ ହସ୍ତା ନକ୍ଷତ୍ରରେ ପାଳନ କରାଯାଏ। ବିବାହିତା ନାରୀମାନେ ସ୍ୱାମୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରି ଏହି ବ୍ରତ ରଖିଥାନ୍ତି। କେତେକ ସ୍ଥାନରେ ଅବିବାହିତା ଝିଅମାନେ ମଧ୍ୟ ସର୍ବଗୁଣସମ୍ପନ୍ନ ପତି କାମନା କରି ଏହି ବ୍ରତ ପାଳନ କରନ୍ତି। ଅତି ନିଷ୍ଠାର ସହ ତୃତୀୟା ଦିନ ସୂର୍ଯ୍ୟୋଦୟ ଠାରୁ ଚତୁର୍ଥୀ ଦିନ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିବାକୁ ହୁଏ। ଜଳସ୍ପର୍ଶ ନିଷେଧ, ଏପରିକି ଛେପ ଢୋକିବାକୁ ମଧ୍ୟ ବାରଣ କରାଯାଏ। ଏହି ବ୍ରତର ଆରାଧ୍ୟ ଦେବତା ହେଉଛନ୍ତି ମହାଦେବ। ମହାଦେବ ଯେପରି ଆଶୁତୋଷ ସେମିତି ବି ରୁଦ୍ର। ତେଣୁ ଏହି ବ୍ରତକୁ ନିଷ୍ଠାର ସହ ପାଳନ କଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି। ମା'ପାର୍ବତୀ ମୃତ୍ୟୁଞ୍ଜୟୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ କଠୋର ତପ କରିଥିଲେ। ପାର୍ବତୀଙ୍କ ତପସ୍ୟାରେ ଶିବ ସନ୍ତୁଷ୍ଟ ହୋଇଥିଲେ। ତେଣୁ ବିବାହିତ ନାରୀମାନେ ବାଲି ତୃତୀୟା ଦିନ ସକାଳେ ନଦୀ ବା ପୁଷ୍କରିଣୀରେ ସ୍ନାନ କରନ୍ତି।

ପୁଣି ଥରେ ଅପରାହ୍ଣରେ ସ୍ନାନ କରି ପାଣି ବୁଡ଼ି ସାତମୁଠା ବାଲି ଆଣନ୍ତି। ସେଥିରେ ଜଳାଶୟ କୂଳରେ ଶିବ ଲିଙ୍ଗ ବା ବାଲୁଙ୍କା ପୂଜା କରନ୍ତି। ପରଦିନ ସ୍ନାନ ସମୟରେ ବାଲୁଙ୍କା ବିସର୍ଜନ କରାଯାଏ। ନୂତନ ବସ୍ତ୍ର ପରିଧାନ ପୂର୍ବକ ଚତୁର୍ଥୀ ଦିନ ଉଦ୍‌ଯାପନ କରାଯାଏ। ଏହି ଦିନରେ ଭାରତର ଅନ୍ୟ କେତେକ ଅଞ୍ଚଳରେ ହରତାଳିକା ତୀଜ ବ୍ରତ ପାଳନ କରାଯାଏ। ପଦ୍ମ ପୁରାଣ ଅନୁଯାୟୀ ଗୌରୀ ମାତା, ଏହି ଦିନରେ ବ୍ରତ ରଖି ଶିବଙ୍କୁ ପତି ରୂପେ ପାଇଥିଲେ। ବାଲି ତୃତୀୟାରେ ଘରର ଛାତକୁ ବାଡ଼ିରେ ବାଡ଼େଇବାର ରୀତି ପ୍ରଚଳିତ। ଏହାଦ୍ୱାରା ଶାପରୁ ମୁକ୍ତି ମିଳୁଥିବା ଏକ ଧାର୍ମିକ ବିଶ୍ୱାସ। ଓଡ଼ିଆ ଆଧ୍ୟାତ୍ମିକ ଓ ଧର୍ମୀୟ ସଂସ୍କୃତିରେ ବାଲି ତୃତୀୟ ଏକ ପବିତ୍ର ଦିନ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ବ୍ୟବସ୍ଥା ରହିଛି।




ପୂର୍ବତନ ଡିଏଫ୍‌ଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୯୪୩୭୨୫୭୧୨୩




## ବାଲି ତୃତୀୟା

### କାନନ ବାଳା ନାୟକ



ଶିବଯୈ ସର୍ବମାଙ୍ଗଲ୍ୟୈ ଶିବାୟ ସତତଂ ନମଃ। ଶିବେସର୍ବପ୍ରଦାତ୍ରି ତ୍ୱଂ ଶିବରୂପେ ନମୋନମଃ। ଇତି ମନ୍ତ୍ରେଣ ପଞ୍ଚୋପଚାରୈଃ ପୂଜୟେତ୍। ପାପୋହଂ। ପାପକର୍ମାହଂ।

ଉମାମହେଶ୍ୱରାଭ୍ୟାଂ ନମଃ।

ଓଡ଼ିଆ ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ନିଆରା। ଓଡ଼ିଆ ମନ ପ୍ରାଣରେ ବସେ ତାର ପର୍ବ ପର୍ବାଣୀ ଓ ତାର ଆତିଥ୍ୟତା। କଥାରେ ଅଛି ବାର ମାସେ ତେର ପର୍ବ, କିନ୍ତୁ ଦେଖିବାକୁ ଗଲେ ପ୍ରତ୍ୟେକ ମାସରେ ଓଡ଼ିଆ ଘରେ ପାଳନ ହୋଇଥାଏ ଅତି କମରେ ଚାରିଟିରୁ ପାଞ୍ଚଟି ପର୍ବ। ସମଗ୍ର ଓଡ଼ିଶାର ପ୍ରୁର୍ପୂର୍ଣ୍ଣି କିମ୍ବା ପ୍ରତ୍ୟକ୍ଷ ଭାବରେ ଜଗନ୍ନାଥ ସଂସ୍କୃତି ଓ କୃଷିକାର୍ଯ୍ୟ ସହ ଜଡିତ। ସେଇ ଭଳି ଜଗନ୍ନାଥ ସଂସ୍କୃତି ସହ ଜଡିତ ଗୋଟେ ପର୍ବ ହେଉଛି ବାଲି ତୃତୀୟା।

ବାଲି ତୃତୀୟା ବ୍ରତ, ଭାଦ୍ରବ ମାସ ଶୁକ୍ଳ ପକ୍ଷ ତୃତୀୟା ଦିନ ହସ୍ତା ନକ୍ଷତ୍ରରେ ପାଳନ କରାଯାଏ। ପାର୍ବତୀ ଶିବଙ୍କୁ ପାଇବା ପାଇଁ ଏହି ତୃତୀୟା ଓଷା କରି ଥିଲେ। କାହାଣୀ ମୁତାବକ, ଦକ୍ଷ ଯଜ୍ଞରେ ମାତା ସତୀ ଙ୍କ ଆତ୍ମ ଦାହ ପରେ ପୁଣି ଥରେ ସେ ପର୍ବତ ରାଜା ହିମାଳୟଙ୍କ ପୁତ୍ରୀ ରୂପରେ ଜନ୍ମଗ୍ରହଣ କରିଥିଲେ। ବିବାହ ଯୋଗ୍ୟା ହେବାରୁ ହିମାଳୟ ବିଷ୍ଣୁ ସହ ପାର୍ବତୀଙ୍କ ବିବାହ କରିବା ପାଇଁ ସ୍ଥିର କଲେ। ପାର୍ବତୀ କିନ୍ତୁ ଶିବଙ୍କୁ ପତି ରୂପେ ବରଣ କରିବାକୁ ଚାହୁଁଥିଲେ। ତେଣୁ ସେ ବାପାଙ୍କ ନିଷ୍ପତ୍ତି ଜାଣିବା ପରେ ମନ୍ଦିର ଯିବା ବାହାନାରେ ପାର୍ବତୀ ନିଜ ସଖି ମାନଙ୍କ ସହ ଜଙ୍ଗଲକୁ ପଳାଇ ଯାଇଥିଲେ। ସେଠାରେ ସେ ନଦୀରେ ସ୍ନାନ ସାରି ନଦୀକୂଳରେ ନଦୀ କୂଳରେ ବାଲିରେ ଏକ ଶିବଲିଙ୍ଗ ପ୍ରତିଷ୍ଠା କରି ସେଥିରେ ନାନା ଫୁଲ ଦେଇ ତାଙ୍କର ପୂଜା ଅର୍ଚ୍ଚନା କଲେ। ଅନେକ ବର୍ଷ ତପସ୍ୟା କରିବା ପରେ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ତାଙ୍କ ସ୍ତ୍ରୀ ରୂପେ ଗ୍ରହଣ କରିଥିଲେ।

ବାଲି ତୃତୀୟା ବ୍ରତ, ଭାଦ୍ରବ ମାସ ଶୁକ୍ଳ ପକ୍ଷ ତୃତୀୟା ଦିନ ହସ୍ତା ନକ୍ଷତ୍ରରେ ପାଳନ କରାଯାଏ। ବିବାହିତା ନାରୀମାନେ ସ୍ୱାମୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରି ଏହି ବ୍ରତ ରଖିଥାନ୍ତି। କେତେକ ସ୍ଥାନରେ ଅବିବାହିତା ଝିଅମାନେ ମଧ୍ୟ ସର୍ବଗୁଣସମ୍ପନ୍ନ ପତି କାମନା କରି ଏହି ବ୍ରତ ପାଳନ କରନ୍ତି। ଅତି ନିଷ୍ଠାର ସହ ତୃତୀୟା ଦିନ ସୂର୍ଯ୍ୟୋଦୟ ଠାରୁ ଚତୁର୍ଥୀ ଦିନ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିବାକୁ ହୁଏ। ଜଳସ୍ପର୍ଶ ନିଷେଧ, ଏପରିକି ଛେପ ଢୋକିବାକୁ ମଧ୍ୟ ବାରଣ କରାଯାଏ। ଏହି ବ୍ରତର ଆରାଧ୍ୟ ଦେବତା ହେଉଛନ୍ତି ମହାଦେବ। ମହାଦେବ ଯେପରି ଆଶୁତୋଷ ସେମିତି ବି ରୁଦ୍ର। ତେଣୁ ଏହି ବ୍ରତକୁ ନିଷ୍ଠାର ସହ ପାଳନ କଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ବିବାହିତା ନାରୀମାନେ ବାଲି ତୃତୀୟା ଦିନ ସକାଳେ ନଦୀ ବା ପୁଷ୍କରିଣୀରେ ସ୍ନାନ କରନ୍ତି। ପୁଣି ଥରେ ଅପରାହ୍ଣରେ ସ୍ନାନ କରି ପାଣିରେ ବୁଡି ସାତ ମୁଠା ବାଲି ଆଣନ୍ତି। ସେଥିରେ ଜଳାଶୟ କୂଳରେ ଶିବ ଲିଙ୍ଗ ବା ବାଲୁଙ୍କା ପୂଜା କରନ୍ତି। ତେଣୁ କୁହାଯାଇଛି-

ଜଳାଶୟରୁ ଆର୍ଦ୍ର ବାଲୁକା ଆଣି ତହିଁରେ ଶକ୍ତି ସହିତ ଶିବଲିଙ୍ଗ ପ୍ରସ୍ତୁତ କରି ସଂକଳ୍ପ କରିବ, ଯଥା - ଦେଶକାଳ ବାକ୍ୟାନନ୍ତରଂ ମମ ଇହଜନ୍ମାନି ବାଞ୍ଛିତାର୍ଥ ଫଳପ୍ରାପ୍ତି ପୂର୍ବକଂ ଶିବଲୋକ ପାପ୍ତ୍ୟର୍ଥଂ ଉମାମହେଶ୍ୱର ପୂଜାକର୍ମ ପୂର୍ବକଂ ତୀଜ ବ୍ରତକଥା ଶ୍ରବଣୀ ମହଂ କୁର୍ବୟ ତତଃ ଆଚାର୍ଯ୍ୟବରଣଂ।

ପରଦିନ ସ୍ନାନ ସମୟରେ ବାଲୁଙ୍କା ବିସର୍ଜନ କରାଯାଏ। ନୂତନ ବସ୍ତ୍ର ପରିଧାନ ପୂର୍ବକ ଚତୁର୍ଥୀ ଦିନ ବ୍ରତ ଉଦ୍‌ଯାପନ କରାଯାଏ।

ଶ୍ରୀ ମନ୍ଦିରରେ ମଧ୍ୟ ଏଇ ଦିନ ବାଲି ତୃତୀୟା ଓ ଅନ୍ଧ ଲୀଳା ପାଳିତ ହୁଏ। ଏହି ଦିନ ସନ୍ଧ୍ୟା ଆଳତି ସରିଲା ପରେ ଦିଅଁ ମାନେ ନକ୍ଷି ଉଦର ଆଗରେ କାଠ ସିଂହାସନରେ ପାଲିଙ୍କି ସହ ବିଜେ କରିବା ଉତ୍ତାରୁ ଏହା ଛାମୁରେ ବାସେଳୀ ସାହିଁ ଲୋକେ ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ କରନ୍ତି। ସନ୍ଧ୍ୟା ଧୂପ ପରେ ମଦନ ମୋହନ ଖଟ ଉପରେ ବିଜେ କଲା ପରେ ଅନ୍ଧ ଲୀଳା ଆୟୋଜନ କରାଯାଏ।

ଶିବଯୈ ସର୍ବମାଙ୍ଗଲ୍ୟୈ ଶିବାୟ ସତତଂ ନମଃ।

ଶିବେସର୍ବପ୍ରଦାତ୍ରି ତ୍ୱଂ ଶିବରୂପେ ନମୋନମଃ ।।


ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବାକର ପୁରୀ
ମୋ: ୯୪୩୮୧୪୬୨୦୦




## ବାଲିତୃତୀୟା ବା ତିଜ

### କାଳୀ ଦାସ

ନିଜ ପାରିବାର ସ୍ୱାମୀ, ସନ୍ତାନ ଓ ଭାଇଙ୍କ ମଙ୍ଗଳ କାମନା କରି ଆମ ଦେଶର ମହିଳା ମାନେ ଭିନ୍ନ ଭିନ୍ନ ସମୟରେ ବ୍ରତ ଓ ଉପବାସ କରିଥାନ୍ତି।

ବ୍ରତ ଓ ଉପବାସ କରିବା ଦ୍ୱାରା ଆମେ ନିଜର ମନ ଓ ଇନ୍ଦ୍ରିୟକୁ ସଂଯମ କରି ପାରିଥାଉ। ଆଧ୍ୟାତ୍ମିକ ସାଧାନାର ମୂଳ ଲକ୍ଷହେଲା ନିଜ ମନ ଓ ଇନ୍ଦ୍ରିୟ କୁ ସଂଯମ କରିବା।

ଆମ ଦେଶର ମହିଳା ମାନେ ନିଜ ଠାରୁ ନିଜ ପରିବାରକୁ ଅଧିକ ଭଲ ପାଇଥାନ୍ତି।ପରିବାର ର ସଦସ୍ୟ ଙ୍କ ଦୀର୍ଘ ଜୀବନ ପାଇଁ ଏବଂ ସୁଖ ସମୃଦ୍ଧି ପାଇଁ ସବୁବେଳେ ସେମାନେ ତତ୍ପର।

ହିନ୍ଦୁଧର୍ମର ମୁଖ୍ୟ ଆରାଧ ଦେବତା ହେଲେ ଭଗବାନ ଶିବ ଓ ବିଷ୍ଣୁ।

ଶିବଙ୍କ ଦ୍ୱାରା ବର ପ୍ରାପ୍ତ କରି ଏକ ସୁଖି ଦାମ୍ପତ୍ୟ ଜୀବନ ବିତାଇବା ପାଇଁ ମହିଳା ମାନେ ବାଲିତୃତୀୟା ବ୍ରତ କରିଥାନ୍ତି।

ଭାରତର ବିଭିନ୍ନ ପ୍ରାନ୍ତରେ ଏହି ବ୍ରତ ଅନ୍ୟ ନାମରେ ପାଳନ କରାଯାଇଥାଏ ଯେପରି ହରୀୟାଲି ତିଜ ଗୌରିବ୍ରତ ଇତ୍ୟାଦି। ମହିଳା ମାନେ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସ କରିଥାନ୍ତି ଅନେକ ନିର୍ଜଳା ମଧ୍ୟ କରିଥାନ୍ତି।

ଶିବଙ୍କ ପ୍ରିୟ ବେଲ ପତ୍ର, ଚମ୍ପା, ଦୁଦୁରା, ଏବଂ ଅରଖ ଶିବଙ୍କୁ ଅର୍ପଣ କରାଯାଇଥାଏ। ବାଲିତୃତୀୟା କଥା ଅନୁଯାଇ ଶିବଙ୍କୁ ପତି ରୂପେ ପାଇବାପାଇଁ ପାର୍ବତୀ ଘର ଠୁ ଦୁର କୁ ଯାଇ ଜଙ୍ଗଲ ଭିତରେ ବାଲୁକା ରେ ଶିବ ଲିଙ୍ଗ ତିଆରି କରି ଶିବଙ୍କୁ ପୂଜା କରିଥିଲେ।ଶିବଙ୍କୁ ପ୍ରସନ୍ନ କରିବା ପାଇଁ ମା ପାର୍ବତୀ ପ୍ରଥମେ ଫଳହାର କରି ପରେ ପରେ ଗଛ ରୁ ପଡ଼ିଥିବା ପତ୍ର ଖାଇ ନିଜ ତପସ୍ୟା ରେ ମଗ୍ନ ହୋଇଥିଲେ।ଏହା ପରେ ମଧ ଶିବଙ୍କର ଦର୍ଶନ ତାଙ୍କୁ ମିଳିନଥିଲା। ଏହା ପରେ ମାତା ପାର୍ବତୀ ପତ୍ର ଖାଇବା ମଧ ଛାଡିଥିଲେ ତେଣୁ ତାଙ୍କ ଅପର୍ଣ୍ଣା କୁହାଗଲା।ଏହା ପରେ ଶିବ ପାର୍ବତୀଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ ଓ ଦର୍ଶନ ଦେଇଥିଲେ, ପାର୍ବତୀଙ୍କୁ ବିବାହା କରିବାପାଇଁ କଥା ଦେଇଥିଲେ।

ପାର୍ବତୀଙ୍କ ଏହି ନିଷ୍ଠା ଉପବାସକୁ ମନେ ପକାଇ ମହିଳା ମାନେ ଏହି ବ୍ରତ ପାଳନ କରିଥାନ୍ତି।ନିଜ ସ୍ୱାମୀର ମଙ୍ଗଳ ପାଇଁ ଓ ଦିର୍ଘାୟୁ ପାଇଁ ଶିବଙ୍କୁ ପ୍ରଥାନା କରିଥାଆନ୍ତି। ପାର୍ବତୀ ବାଲୁକା ରେ ଶିବଲିଙ୍ଗ ତିଆରି କରିଥିଲେ ସେଥି ପାଇଁ ବଳିତୃତୀୟାରେ ବାଲୁକାରେ ଶିବ ଲିଙ୍ଗ କରି ପୂଜା କରାଯାଇଥାଏ। ଭାଦ୍ରବ ମାସର ଶୁକ୍ଳ ତୃତୀୟା ଦିନ ବାଲିତୃତୀୟା ବ୍ରତ ପଡ଼ିଥାଏ। ବାଲିତୃତୀୟାରେ ମୁଖ୍ୟତଃ ଭଗବାନ ଶିବଙ୍କୁ ଫଳ ପୂଜା କରାଯାଇଥାଏ। ରାମଚରିତ ମାନସର ପୃଷ୍ଠା ରେ ଆମେ ଶିବ ପାର୍ବତୀଙ୍କ ଏହି ଉପାଖ୍ୟାନ ପଡ଼ିଥାଉ।



ବାଲିତୃତୀୟା ବ୍ରତର କଥାକୁ ଭଗବାନ ଶିବ ନିଜେ ପାର୍ବତୀଙ୍କୁ କହିଥିଲେ, ପାର୍ବତୀ ଶିବଙ୍କୁ କିପରି ପଶିଲେ, ତାହା ପାର୍ବତୀ ଶିବଙ୍କ ମୁହଁ ର ଶୁଣିବା କୁ ଚାହିଁଥିଲେ।


ବ୍ରହ୍ମପୁର
ଖୋଡାସିଂ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯





## ସୁନା ହରିଣୀ

### ଶୁଭେନ୍ଦୁ ମେହେର

ନିର୍ଜନ ଜହ୍ନ ରାତିର ଛାତି ଚିରି
ପ୍ରଲୁବ୍ଧ ଆଲୁଅର ଅନ୍ତରାଗେ
ଆସୁଥିଲା ସେ' ହଲିଝୁଲି ।

ସ୍ୱପ୍ନମୟ ଜୀବନର
ଅଙ୍ଗେ ତା'ର ଶିହରଣ ଭରି
ସବୁଜ ଲତାର ସତେଜ ପଣକୁ
ସ୍ପର୍ଶ କରି,
ସିନ୍ଦୁରା ଫଟେଇ
ଗହଳ ପତ୍ରରାଜିର ସନ୍ଧିରୁ
ଆଗେଇ ଚାଲିଥିଲା ତା'ର କୋମଳ
ପାଦ
ଆଗକୁ ଆଗକୁ ।

ଅନିନ୍ଦ୍ୟା ସୁନ୍ଦରୀର
ପାଦ ସ୍ପର୍ଶରେ,
ବିଭୋର ହୁଏ ମର୍ତ୍ତ୍ୟପୁରୀ
ତଲ୍ଲୀନ ହୁଏ ବନ ଗିରି
ବିମୁଗ୍ଧ ପ୍ରାୟ ପାହାଡ଼ ଝରଣା
ବୈଶାଖୀ ଝାଞ୍ଜି ବି' ହୁଏ ବାଟବଣା।

ତା' ଆଖିର
ନିରୀହ ଚାହାଣୀ
ହୃଦ ସହରରେ ନିଆଁ ଲଗାଏ
ଜାଳିଦିଏ ଚଳଚଞ୍ଚଳ ମନ
ବାସ୍ନାୟିତ ହୁଏ ମୋ' ସମଗ୍ର ବନ।

ସେ' କେଉଁ ସୁନା ହରିଣୀ !
ରୂପ ସୁଷମାର ଦିବ୍ୟ ଜ୍ୟୋତିରେ
ଯୌବନର ଉଦ୍ଦାମତାରେ
ପର୍ଣ୍ଣ କୁଟୀର ଦ୍ୱାରେ
କସ୍ତୁରୀ ସୁଗନ୍ଧେ
ଗନ୍ଧମୟ କରେ ମୋ'ର
ପାଷାଣ ହୃଦୟ ।।


ଯାଲୋଏ, ସୁବର୍ଣ୍ଣପୁର


## ସମୟକୁ ଅପେକ୍ଷା କର

### ଟିକେମଣି ବୁଧିଆ



ଆଗକୁ ଆଗକୁ ଆଗେଇ ଚାଲେ
କେବେ ମୋହ ମୋଡି ଚାଲେ ନାହିଁ,
ସେ କାହାକୁ ଅପେକ୍ଷା କରେନି
କାହା ସହ ସାଥି ହୋଇ ଚାଲେନି
ସ୍ଥିର ହୋଇ ରହିବା ତ
ତା ଜୀବନେ ଲେଖା ନାହିଁ ।
ଏ ସାରା ସଂସାର ର ଗତି ପଥ
ତା ଅଧିନରେ ଚାଲେ,
ସମସ୍ତଙ୍କ ଜୀବନର ଗତିପଥ
ସଦା ବଦଳିଯାଏ ସେହି
ସମୟ ଚକ୍ର ବଳର ନିଷ୍ପତ୍ତି ଫଳେ ।
ସମୟ ଠାରୁ ବଳବାନ
ଏ ଜଗତେ ନୁହେଁ କେହି,
ସମସ୍ତଙ୍କ ତ ସେ ଭାଗ୍ୟ ବିଧାତା
ଜୀବନ ଗତି ପଥର
ସୃଷ୍ଟି କର୍ତ୍ତା ବି ସେହି ।
ଆମେ ସମସ୍ତେ ଜନ୍ମ ହେବା ପରଠୁ
ଦିନ ପରେ ଦିନ
ରାତି ପରେ ରାତି
ସଦା ବିତି ଚାଲିଛି,
ସମସ୍ତଙ୍କ ରୂପ ରଙ୍ଗ ଢଙ୍ଗ
ସହ ଜୀବନ ଚର୍ଯ୍ୟା ଶୈଳୀ
ଜୀବନ ଜୀଇଁବାର କୌଶଳ
ଦେଖିଛ କେବେ ସ୍ଥିର ଅଛି କି ?
ସମୟ ବଳରେ ସବୁ ବଦଳି ଚାଲିଛି ।
ମୋହ ମାୟାର ପରଦା ଆଢରେ
ସମୟ ର ଗତି ବିଧି କୁ
ଦେଖିବାକୁ ଆଉ ନାହିଁ କାହାର
ପ୍ରୟାସ,
ମୁଁ ଆଉ ମୋର ଶବକୁ ଆପଣେଇ ଏଠି
ଭାବନ୍ତି ଆମେ ସବୁଠାରୁ ବଳବାନ
ଯାହା ଦ୍ୱାରା ବୁଝି ପାରନ୍ତିନି କେହି
ସମସ୍ତେ ତ ସେହି ସମୟର ଦାସ ।
ଏଇ ଆମ ଜୀବନ ସ୍ଥିର ଥିବନା
ଏଇ ଆମ ରୂପ ଯୌବନ ସ୍ଥିର ଥିବ
ନା ସବୁ ସମ୍ପର୍କର ଡୋର ମଜବୁତ ଥିବ
ନା ଆମେ ଆମ ଆତ୍ମୀୟ ସ୍ୱଜନ ସହ
ରହିବାର ସେହି ମୁହୂର୍ତ୍ତ ସର୍ବଦା
ରହିଥିବ ।
ଆମ ଜୀବନ ରେ ସବୁ ଇଚ୍ଛା
ସ୍ୱପ୍ନ ସ୍ଥିର ଥିବ ନା
ଆମେ ପ୍ରାପ୍ତ କରିଥିବା ସବୁକିଛି
ଚିରଦିନ ରହିଥିବ ।
ଆଜି କିଏ କହେ ମୁଁ
ଧନ ସମ୍ପତ୍ତି ଘର ଦ୍ୱାର ରେ ବଡ଼
କିଏ କହେ ମୁଁ ରୂପ ଯୌବନ
ଭୋଗ ବିଳାସ ରେ ବଡ଼
ଆଜି କିଏ କହେ ମୁଁ
ବୁଦ୍ଧି ବିଦ୍ୟା ଜ୍ଞାନ ଗୁଣରେ ବଡ଼
କିଏ ଅନେକ ପଦ ପଦବୀର
ଲୋକ ଦେଖାଣିଆ ରେ ମୁଁ ବଡ଼ ।
କିଏ ସମାଜ ରେ ନିଜକୁ
ଦେଖେଇ ହେବାକୁ ଜୀବନ ବଞ୍ଚୁଛି ତ
କିଏ ନିଜ ସ୍ୱାର୍ଥର ଭୋଗ ବିଳାସ
ପାଇବା ଲାଲସା ରେ ଜୀବନ ବଞ୍ଚୁଛି।
ଏଇ ସବୁ କୁ ନେଇ ସମସ୍ତେ
ଦମ୍ଭ ଗର୍ବ ଗାରିମା ଅହମିକା ରେ
ଜୀବନ ଅତି ବାହିତ କରୁଛନ୍ତି,
ଯାହା ଦ୍ୱାରା ସେହି ସମୟର
ମାୟାର ଖେଳକୁ କେହି ନବୁଝନ୍ତି ।
ସମସ୍ତେ ବୁଝିବା ଦରକାର
ଏଠି କେହି ନୁହେଁ କାହାର,
ଯାହା ଦେଖୁଛୁ ଆମେ
ଏ ସବୁ ତ ମିଛମାୟା ର ଖେଳଘର ।
ଏଠି ଆମେ ସବୁଦିନ ରହିଥିବା ନା
ଆମ ରୂପ ଯୌବନ ରହିବ
ନା ଆମେ ପ୍ରାପ୍ତ କରିଥିବା
ସବୁକିଛି ରହିବ,
ସର୍ବଦା ଲାଗି ସବୁ ସେହି ସମୟର
କାଳର ଗ୍ରାସରେ ଚାଲିଯିବ ।
ଏ ମାଟିରେ ସବୁକିଛି
ମିଶିଯିବ ଆମ ସମସ୍ତଙ୍କର
ବାସ୍ ଖାଲି ଆସୁଥିବା ସେହି
ସମୟକୁ ଅପେକ୍ଷା କର ।


ରେଙ୍ଗସାପାଲି କଳାହାଣ୍ଡି
ମୋ: ୭୭୪୯୦୦୯୦୬୧

# ସ୍ତ୍ରୀ ସହିତ ହୋଇଥିବା ଛାଡ଼ପତ୍ରକୁ ନେଇ ହନି ସିଂହଙ୍କ ପ୍ରତିକ୍ରିୟା



ଦୀର୍ଘ ଦିନ ହେବ ବୈବାହିକ ଜୀବନରେ ଝଡ଼ ସୃଷ୍ଟି ହେବାପରେ ରାପର ତଥା ସିଙ୍ଗର ହନି ସିଂହଙ୍କ ବାହାଘରର ୧୨ ବର୍ଷ ପରେ ପତ୍ନୀ ଶାଳିନୀଙ୍କ ଠାରୁ ଅଲଗା ହୋଇଯାଇଛନ୍ତି। ସ୍ତ୍ରୀ ଠାରୁ ଅଲଗା ହେବା ପରେ ହନି ସିଂହ ପତ୍ନୀ ଶାଳିନୀଙ୍କୁ ଏକକୋଟି ଟଙ୍କା ଭରଣପୋଷଣ ବାବଦକୁ ଦେଇଥିବା କଥା ସାଙ୍କେତକ ଭାବେ କହି କହିଛନ୍ତି, 'ଆମର ଏକ ଚୁକ୍ତି ହୋଇଯାଇଛି। ଏହି ଚୁକ୍ତି ଅନୁଯାୟୀ ଶାଳିନୀ କିମ୍ବା ମୁଁ ଗଣମାଧ୍ୟମ ସାମ୍ନାରେ ପରସ୍ପର ବିରୋଧରେ କିଛି କହି ପାରିବୁ ନାହିଁ। ଶାଳିନୀ ମୋର ପିଲାଦିନର ଭଲପାଇବା ଥିଲେ। ଆମ ଦୁହିଁଙ୍କର ପ୍ରଥମ ସାକ୍ଷାତ ଏକ ଟ୍ୟୁସନରେ ପାଠପଢ଼ିବା ସମୟରେ ହୋଇଥିଲା। ମୁଁ ବିଏସଇର ପ୍ରସ୍ତୁତି କରୁଥିବା ବେଳେ ଶାଳିନୀ ସ୍କୁଲରେ ପାଠପଢୁଥିଲେ। ଦୀର୍ଘ ବର୍ଷର ଭଲପାଇବା ପରେ ଶାଳିନୀଙ୍କୁ ୨୦୧୧ରେ ବିବାହ କରିଥିଲି। ବିବାହର ୯/୧୦ମାସ ସବୁକିଛି ଠିକଠାକ ଚାଲିଥିଲା। ଏହାପରେ ଆମ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଅନେକ ଚେଷ୍ଟା କରିଥିଲି ଏହାର ସମାଧାନ ପାଇଁ କିନ୍ତୁ କିଛି ଲାଭ ମିଳି ନଥିଲା। ଦିଲ୍ଲୀ ସାକେତର ଫ୍ୟାମିଲି କୋର୍ଟରେ ପ୍ରାୟ ଅଢ଼େଇ ବର୍ଷ ଯାଏ ହନି ସିଂହ ଓ ଶାଳିନୀ ତଲୱାରଙ୍କ ଛାଡପତ୍ର ମାମଲା ଚାଲିଥିଲା। ଶେଷରେ ଏହା ଉପରେ ରାୟ ଦେବା ପୂର୍ବରୁ ପତ୍ନୀଙ୍କ ସହ ରହିବା ଲାଗି ଚେଷ୍ଟା କରିବାକୁ ଚାହୁଁଛନ୍ତି କି ବୋଲି କୋର୍ଟ ହନି ସିଂଙ୍କୁ ପଚାରିଥିଲେ ? କୋର୍ଟଙ୍କ ଏହି ପ୍ରଶ୍ନର ଉତ୍ତର ହନି ନା'ରେ ଦେଇଥିବା ବେଳେ ଶାଳିନୀ ମଧ୍ୟ ଏଥିରେ ରାଜି ହୋଇଥିଲେ।

# ପାରିଶ୍ରମିକ ବଢ଼ାଇଲେ ସଲମାନ; ମାସକୁ ରୋଜଗାର କରିବେ ଏତିକି ଟଙ୍କା

ବିଗ୍ ବସ୍ ୧୮'ର ନୂଆ ସିଜନ୍ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଏବଂ ପ୍ରଶଂସକମାନେ ଏହାକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ଚଳିତଥର ସଲମାନ ଖାନ ଏହି ସୋ'ର ହୋଷ୍ଟ କରିବେ।

ସଲମାନ ଖାନ ତାଙ୍କର ଅନ୍ୟ ପ୍ରୋଜେକ୍ଟ ସହିତ 'ବିଗ୍ ବସ୍ ୧୮' ମଧ୍ୟ ପରିଚାଳନା କରିବେ। ଏହି ବର୍ଷ ଅବଦୁ ରୋଜିକ୍ ମଧ୍ୟ କେତେକ ସଲମାନଙ୍କ ସହ ସହ-ହୋଷ୍ଟ ଭାବରେ ନଜର ଆସିବେ ।

ଖବର ଅନୁଯାୟୀ, 'ବିଗ୍ ବସ୍ ୧୮' ଆଗାମୀ ଅକ୍ଟୋବର ୫ରୁ ଆରମ୍ଭ ହେବ । ଗତ ବର୍ଷ ସଲମାନ ଖାନ 'ୱିକେଣ୍ଡ କା ବାର'ର ପ୍ରତ୍ୟେକ ଏପିସୋଡ ପାଇଁ ପ୍ରାୟ ୧୨ କୋଟି ଟଙ୍କା ଅର୍ଥାତ୍ ପ୍ରତ୍ୟେକ ଏପିସୋଡ ପାଇଁ ପ୍ରାୟ ୬ କୋଟି ଟଙ୍କା ନେଇଥିଲେ। ଗୋଟିଏ ମାସରେ ତାଙ୍କର ରୋଜଗାର ପ୍ରାୟ ୫୦ କୋଟି ଟଙ୍କା ପାଖାପାଖି ବୋଲି ଅନୁମାନ କରାଯାଉଛି।

ସୂଚନାନୁସାରେ, ଚଳିତଥର ସଲମାନ ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ଶୁଣିବାକୁ ମିଳିଛି। 'ବିଗ୍ ବସ୍ ୧୮' ହୋଷ୍ଟ କରିବା ପାଇଁ ସଲମାନ ମାସକୁ ପ୍ରାୟ ୬୦ କୋଟି ଟଙ୍କା ପାରିଶ୍ରମିକ ନେବେ।

'ବିଗ୍ ବସ୍ ୧୮'ର ସିଜିନରେ ଜାନ ଖାନ୍, ସୁରଭି ଜ୍ୟୋତି, ଅନୀତା ହସନନ୍ଦାନୀ, ସମୟରେନା, ପଲ୍ଲବ ସିଂ ଏବଂ ଅନ୍ୟମାନଙ୍କ ନାମ ସାମ୍ନାକୁ ଆସିଛି। ଗତ କିଛି ବର୍ଷ ମଧ୍ୟରେ ସୋ'ରେ ଟିଭି ସେଲିବ୍ରେଟଙ୍କ ସଂଖ୍ୟା ହ୍ରାସ ପାଇଛି। ତେବେ 'ବିଗ୍ ବସ୍'ର ଓଟିଟି ଭର୍ସନ ଜିଓ ସିନେମାରେ ଖୁବ ସଫଳତା ପାଇଛି। ଗତବର୍ଷ ମୁନବ୍ୱର ଫାରୁକି ସୋ' ଜିତିଥିଲେ ଏବଂ ଅଭିଷେକ କୁମାର ପ୍ରଥମ ରନର୍ ଅପ୍ ହୋଇଥିଲେ।



# ଲଣ୍ଡନ ସ୍ଥାନାନ୍ତର୍ ହେବା ଚର୍ଚ୍ଚା ମଧ୍ୟରେ ଭାରତ ଆସିଲେ ଅନୁଷ୍କା: ଭାଇରାଲ୍ ହେଲା ଭିଡିଓ



ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା କିଛି ସମୟ ପୂର୍ବରୁ ପୁଅ ଅକାୟଙ୍କୁ ଜନ୍ମ ଦେଇଥିଲେ। ସେବେଠାରୁ ଅଭିନେତ୍ରୀ ତାଙ୍କ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲି ଏବଂ ଝିଅ ଭାମିକାଙ୍କ ସହ ଲଣ୍ଡନରେ ରହୁଛନ୍ତି। କିଛି ମାସ ହେବ ପୂରା ପରିବାର ଲଣ୍ଡନରେ ରହୁଥିବାରୁ ବିରୁଷ୍କା ଲଣ୍ଡନକୁ ସ୍ଥାନାନ୍ତର ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଥିଲା। ଏଭଳି ସ୍ଥିତିରେ ଅନୁଷ୍କା ଭାରତ ଫେରିବେ କି ନାହିଁ ବୋଲି ଚର୍ଚ୍ଚା ହେଉଥିବା ବେଳେ ଏବେ ଅନୁଷ୍କା ମୁମ୍ବାଇ ଫେରିଥିବା ଦେଖାଯାଇଛି। ଅଭିନେତ୍ରୀ ତାଙ୍କ ସ୍ୱାମୀ ଏବଂ ପିଲାମାନଙ୍କ ବିନା ଭାରତ ଫେରିଥିବା ଦେଖାଯାଇଛି। ଏବେ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ମୁମ୍ବାଇ ବିମାନବନ୍ଦର ବାହାରକୁ ଆସୁଥିବା ନଜର ଆସୁଛନ୍ତି। ଭିଡିଓରେ ଅନୁଷ୍କା କଳା ରଙ୍ଗର ପୋଷାକ ସହ କଳା ରଙ୍ଗା ଚଷମା ପିନ୍ଧିଥିବା ଦେଖିବାକୁ ମିଳିଛି । ବାହାରକୁ ଆସିବା ପରେ ଅନୁଷ୍କା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ହସିବା ସହ ହାତ ହଲାଇ ଅଭିବାଦନ ଜଣାଇଥିଲେ। ଏହା ପରେ ସେ ନିଜ କାରରେ ବସି ଚାଲିଯାଇଥିଲେ। ତେବେ ଅନୁଷ୍କା କାମ ପାଇଁ ଭାରତ ଆସିଥିବା କୁହାଯାଉଛି । ହେଲେ ଇଭେଣ୍ଟ ପାଇଁ ନା କୌଣସି ଫିଲ୍ମର ସୁଟିଂ ପାଇଁ ସେ ଭାରତ ଆସିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ ।

# ଆମ ଛାଡ଼ପତ୍ର ପାଇଁ ନିଖିଲଙ୍କ ବିବାହିତ ପ୍ରେମିକା ଦାୟୀ: ଦଲଜିତ୍



ପ୍ରଥମ ସ୍ୱାମୀ ଶାଲିନ ଭନୋଟଙ୍କଠାରୁ ଅଲଗା ହେବା ପରେ କେନିଆରେ ରହୁଥିବା ନିଖିଲ ପଟେଲଙ୍କୁ ଦ୍ୱିତୀୟ ବିବାହ କରିଥିଲେ ଦଲଜିତ୍। ହେଲେ ବିବାହର ୮ମାସ ପରେ ଦୁହିଁଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ନିଖିଲ ଅନ୍ୟ ଯୁବତୀଙ୍କ ପ୍ରେମରେ ପଡ଼ି ତାଙ୍କୁ ଧୋକା ଦେଇଥିବା ଦାବି କରିଥିଲେ ଦଲଜିତ୍। ଏବେ ଏକ ସାକ୍ଷାତକାରରେ ଦଲଜିତ୍, ନିଖିଲଙ୍କ ପ୍ରେମିକାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, 'ମୋ ପୂର୍ବରୁ ନିଖିଲ, ସେହି ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। କିନ୍ତୁ ମୋତେ କାହିଁକି ବିବାହ କଲେ ମୁଁ ବୁଝିପାରୁନି। ବୋଧହୁଏ ତାଙ୍କୁ ଲାଇମଲାଇଟ ଦରକାର ଥିଲା। ନିଖିଲଙ୍କ ପ୍ରେମିକା ବିବାହିତ। ତାଙ୍କର ସ୍ୱାମୀ ଓ ୨ଟି ସନ୍ତାନ ଅଛନ୍ତି। ସବୁ ପରେ ବି ସେ ଏଭଳି କରିବା ମୋତେ ଆଶ୍ଚର୍ଯ୍ୟ କରୁଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମସ୍ୟା ହୁଏ। ସମସ୍ୟା ହେଲେ ସମସ୍ତେ ନିଜ ନିଜ ଜୀବନସାଥୀ ବିଷୟରେ ଖରାପ କଥା କହନ୍ତି। କିନ୍ତୁ କାହାକୁ ଏହାର ଫାଇଦା ଉଠାଇବା ଉଚିତ୍ ନୁହେଁ। ଏହା ସମ୍ପୂର୍ଣ୍ଣ ଭୁଲ। ଆମ ଭିତରେ ଯାହା ସମସ୍ୟା ଥିଲା, ତାହା ଠିକ୍ ହୋଇଯାଇଥାନ୍ତା, ଯଦି ସେ ମହିଳା ନଆସିଥାନ୍ତେ। ନିଜର ପରିବାର ଥାଇ ବି ସେ ଅନ୍ୟ ପରିବାର କେମିତି ଭାଙ୍ଗୁଛନ୍ତି ମୁଁ ଭାବୁଛି।' ଉଲ୍ଲେଖଯୋଗ୍ୟ, ଗତ ବର୍ଷ ମାର୍ଚ୍ଚରେ ମୁମ୍ବାଇରେ, କେନିଆର ବ୍ୟବସାୟୀ ନିଖିଲ ପଟେଲଙ୍କୁ ବିବାହ କରିଥିଲେ ଦଲଜିତ୍। ପ୍ରଥମ ବିବାହ ଅସଫଳ ହେବା ପରେ ଦ୍ୱିତୀୟ ବିବାହକୁ ନେଇ ଆଶାବାଦୀ ଥିଲେ ଅଭିନେତ୍ରୀ। ହେଲେ ବିବାହର ୮ମାସ ପରେ ତାଙ୍କ ଆଶା ମଉଳି ଯାଇଥିଲା। ସ୍ୱାମୀ ନିଖିଲ ପୁଅ ଜେଡନଙ୍କୁ ସବୁ ବେଳେ ରାଗୁଥିବା ବେଳେ ଅନ୍ୟ ଯୁବତୀଙ୍କ ସହ ସମୟ କଟାଉଥିଲେ। ଏହାର ବିରୋଧ କରିବା ପରେ ବି ସ୍ୱାମୀ ନସୁଧୁରିବାରୁ ଭାରତ ଫେରିଆସିଥିଲେ ଦଲଜିତ୍।

# ବିବାହ ପାଇଁ ପ୍ରସ୍ତୁତ ଶିଳ୍ପା, ଏହି ଅଭିନେତାଙ୍କ ହାତ ଧରିବେ ଅଭିନେତ୍ରୀ !

ଅଙ୍ଗୁରି ଭାବୀ ଭାବେ ଲୋକପ୍ରିୟ ଅଭିନେତ୍ରୀ ଶିଳ୍ପା ସିନ୍ଦେ ବର୍ତ୍ତମାନ ଷ୍ଟଣ୍ଟ ରିଅଲିଟି ସୋ ଖତ୍ରୋଁ କେ ଖିଲାଡି-୧୪ରେ ନଜର ଆସୁଛନ୍ତି । ସୋ'ରେ ଷ୍ଟଣ୍ଟ କରିବା ସହିତ ଶିଳ୍ପା ବହୁତ ମଜା କରୁଥିବା ଦେଖିବାକୁ ମିଳିଛି। ତାଙ୍କ ଚୁଲବୁଲି ଗୁଣ ପାଇଁ ପ୍ରଶଂସକମାନେ ତାଙ୍କୁ ବହୁତ ପସନ୍ଦ କରୁଛନ୍ତି। ନିଜ ଅଭିନୟ ପାଇଁ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ କେ ?ବେ ବିବାହ କରିବେ ସେହି ଦିନକୁ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି। ଶିଳ୍ପାଙ୍କୁ ୪୯ବର୍ଷ ବୟସ ହୋଇଥିବା ବେଳେ ସେ ଏବେ ବି ଅବିବାହିତ ଅଛନ୍ତି। ହେଲେ ଏବେ ଚର୍ଚ୍ଚା ହେଉଛି ଯେ, ଶିଳ୍ପା ଏବେ ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଖତ୍ରୋଁ କେ ଖିଲାଡି-୧୪ର ସହ ପ୍ରତିଯୋଗୀଙ୍କୁ ବିବାହ କରିବେ ବୋଲି କୁହାଯାଉଛି। ଅଭିନେତାଜଣକ ହେଲେ କରଣବୀର ମେହରା। କରଣବୀର ମଧ୍ୟ ଖତ୍ରୋଁ କେ ଖିଲାଡି-୧୪ରେ ଭାଗ ନେଇଛନ୍ତି। ଦୁହେଁ ପୁରୁଣା ବନ୍ଧୁ ହୋଇଥିବା ବେଳେ ଏହି ସୋ' ଦୁହିଁଙ୍କ କେମେଷ୍ଟ୍ରି ଦେଖି ପରସ୍ପରକୁ ବିବାହ କର ବୋଲି ପ୍ରଶଂସକ କହିବା ଆରମ୍ଭ କରିଛନ୍ତି। ଏକ ଷ୍ଟଣ୍ଟ ସମୟରେ କରଣବୀର କହିଥିଲେ ଯେ 'ଯଦି ଆମେ ଏହି ଷ୍ଟଣ୍ଟ ଜିତିବା ତେବେ ଆମେ ବିବାହ କରିନେବା।' କରଣ, ଶିଳ୍ପାଙ୍କୁ ଭଲପାଏ ବୋଲି କହିଥିଲେ। ଏହା ଶୁଣି ଶିଳ୍ପା ଲାଜେଇ ଯାଇଥିବା ବେଳେ ବିବାହ କରିବାକୁ ମନା କରିଥିଲେ। ସେ କହିଥିଲେ, 'ନା, ବିବାହ କଲେ ଅସୁବିଧା ହେବ।' ଏହା ଶୁଣି କରଣବୀର କହିଥିଲେ, 'ନା; କିଛି ସମସ୍ୟା ହେବ ନାହିଁ।' ଏହି ଭିଡିଓ ଖୁବ ଭାଇରାଲ ହେଉଥିବା ବେଳେ ଦୁହେଁ ବିବାହ ଚର୍ଚ୍ଚାକୁ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



# ଲୋକପ୍ରିୟ ଅଭିନେତାଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଲେ ମହିଳା

ହେମା କମିଟି ରିପୋର୍ଟ ଯୋଗୁଁ ଗତ କିଛି ଦିନ ହେବ ମାଲାୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଉତ୍ତେଜନା ଦେଖାଦେଇଛି । ଅନେକ ଅଭିନେତାଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ ହୋଇଥିବା ବେଳେ ଲୋକପ୍ରିୟ ମଲାୟାଲମ୍ ଅଭିନେତା ନିଭିନ ପାଉଲିଙ୍କ ବିରୋଧରେ ବି ଯୌନ ନିର୍ଯାତନା ଓ ଦୁଷ୍କର୍ମ ଅଭିଯୋଗ ମାମଲା ରୁଜୁ ହୋଇଛି। ନେରିୟାମଙ୍ଗଲମର ବାସିନ୍ଦା ଅଭିନେତା ନିଭିନ ପାଉଲିଙ୍କ ବିରୋଧରେ ଅଭିଯୋଗ କରି କହିଛନ୍ତି,' ପାଉଲି ମୋତେ ଏକ ଚଳଚ୍ଚିତ୍ରରେ ଚାକିରି ଦେବା ଉଦ୍ଦେଶ୍ୟରେ ନଭେମ୍ବର ୨୦୨୩ରେ ଦୁବାଇ ନେଇ ସେଠାରେ ଯୌନ ନିର୍ଯାତନା ଦେବା ସହିତ ଦୁଷ୍କର୍ମ କରିଥିଲେ। କେରଳର ଏର୍ନାକୁଲମରେ ଏହି ମାମଲା ଆନୁଷ୍ଠାନିକ ଭାବେ ପଞ୍ଜୀକୃତ ହୋଇଛି। ଯେଉଁଠାରେ ଜାମିନ ବିହୀନ ଅଭିଯୋଗରେ ଅଭିନେତା ଏବଂ ଅନ୍ୟ ୫ଜଣଙ୍କୁ ନାମରେ ମାମଲା ରୁଜୁ ହୋଇଛି।' କେରଳ ପୁଲିସ ମଙ୍ଗଳବାର ସେପ୍ଟେମ୍ବର ୩ରେ ମହିଳାଙ୍କ ଅଭିଯୋଗ କ୍ରମେ ଅଭିନେତା ନିଭିନ ପାଉଲି, ମଲାୟାଲମ ଚଳଚ୍ଚିତ୍ର ନିର୍ମାତା ଏ. କେ ସୁନୀଲ ଏବଂ ଅନ୍ୟ ଚାରିଜଣଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ମହିଳା ନିଜର ଅଭିଯୋଗ ବିଶେଷ ଯାଞ୍ଚ ଦଳ (ଏସଆଇଟି)ଙ୍କ ନିକଟରେ କରିଛନ୍ତି। ଏହି ଦଳକୁ ହେମା କମିଟିଙ୍କ ରିପୋର୍ଟ ସାମ୍ନାକୁ ଆସିବା ପରେ ଗଠନ କରାଯାଇଛି। ହେମା କମିଟି ରିପୋର୍ଟ ସାମ୍ନାକୁ ଆସିବା ପରେ ଅନେକ ମହିଳା ସାମ୍ନାକୁ ଆସି ତାଙ୍କ ସହିତ ଘଟିଥିବା ଘଟଣାକୁ ବଖାଣୁଛନ୍ତି। ଏହି କ୍ରମରେ ଜଣେ ମହିଳା ଅଭିନେତା ନିଭିନ ପାଉଲିଙ୍କ ବ୍ୟତୀତ ଅନ୍ୟ ପାଞ୍ଚ ଜଣଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ହେମା କମିଟିଙ୍କ ରିପୋର୍ଟ ପରେ ସୁପରଷ୍ଟାର ମୋହନଲାଲ ଏଏମଏମଏ (ଆସୋସିଏସନ ଅଫ ମଲାୟାଲମ ଚଳଚ୍ଚିତ୍ର କଳାକାର) ର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । କେବଳ ଏତିକି ନୁହେଁ ଏହି ଆସୋସିଏସନ ସହିତ ଜଡ଼ିତ ଥିବା ଅନେକ ସଦସ୍ୟଙ୍କ ବିରୋଧରେ ବି ଯୌନ ନିର୍ଯାତନା ଅଭିଯୋଗ ହୋଇଛି । ଏହି ତାଲିକାରେ ଏଡାଭେଲା ବାବୁ, ଅଭିନେତା-ରାଜନେତା ମୁକେଶ ଓ ଜୟସୁର୍ଯାଙ୍କ ପରି ଲୋକପ୍ରିୟ କଳାକାରଙ୍କ ନାମ ସାମିଲ ଅଛି।

## ପ୍ରଦୀପ ଚାନ୍ଦଙ୍କ ବିୟୋଗରେ ଚାନ୍ଦ ରଥଯାତ୍ରା କମିଟିର ଶୋକସଭା

ବଲାଙ୍ଗୀର, ୫/୯ (ନି.ପ୍ର): ଚାନ୍ଦ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ପ୍ରଦୀପ କୁମାର ଚାନ୍ଦଙ୍କ ଅକାଳ ବିୟୋଗ ରେ ଚାନ୍ଦ ମନ୍ଦିର ରଥଯାତ୍ରା ପାଳନ କମିଟି ସଦସ୍ୟମାନଙ୍କ ଏକ ଶୋକସଭା ଆଜି ସଂଧ୍ୟା ୭ଟା ରେ ମନ୍ଦିର ପ୍ରାଙ୍ଗଣରେ ସୁଧୀର କୁମାର ତ୍ରୀପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଚି । ରଥ ଯାତ୍ରା ପାଳନ କମିଟି ସଦସ୍ୟ ଅଶୋକ କୁମାର ଚାନ୍ଦ, ଅନିଲ ଠାକୁର, ରାଜକୁମାର ମିଶ୍ର, ସୁଧାନିଧି ହୋତା, ଛୟାକାନ୍ତ ସହୁ , ସତ୍ୟନାରାୟଣ ଶତପଥି , ବୁଲୁ ବେହେରା, ଜୟଚନ୍ଦ୍ର ପଟେଲ, ରଞ୍ଜିତ ପଣ୍ଡା, ଗୋପବନ୍ଧୁ ଶତପଥୀ, କୃଷ୍ଣ ଚନ୍ଦ୍ର ମିଶ୍ର , ଦେବେନ୍ଦ୍ର ଶତପଥୀ , ବଳରାମ ବେହେରା ପ୍ରମୁଖ ସ୍ୱର୍ଗତ ଚାନ୍ଦ ଙ୍କ ବହୁ ମୁଖି ପ୍ରତିଭା କୁ ସ୍ମରଣ କରି ବକ୍ତବ୍ୟ ରଖିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଆରମ୍ଭ କରିଥିବା ପ୍ରୟାସ କୁ ଫଳବତୀ କରି ଅଗକୁ ମଧ ସହଯୋଗ କରିବାକୁ ନିଷ୍ପତି ନେଇଥିଲେ ।

## ଫୁଲବାଣୀରେ ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର ଅନୁଷ୍ଠିତ

କନ୍ଧମାଳ, ୫/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୨୧ ତମ ପ୍ରାଣୀ ସମ୍ପଦ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସଞ୍ଜୀବ କୁମାର ପଟେଲଙ୍କ ଅଧକ୍ଷତାରେ କର୍ଯ୍ୟକମକୁ ଉଦଘାଟନ କରିଥିଲେ । ଏଥିରେ ଉଭୟ ଫୁଲବାଣୀ ଓ ବାଲିଗୁଡା ଉପଖଣ୍ଡର ପ୍ରାଣୀ ସମ୍ପଦ ଗଣନା କାର୍ଯ୍ୟରେ ନୀୟୋଜିତ ୬୬ ପ୍ରାଣୀଧନ ନୀରିକ୍ଷକ ଓ ତଦାରଖ ଦାୟିତ୍ୱରେ ଥିବା ୧୯ ଜଣ ପ୍ରାଣୀଚିକିତ୍ସକ ତାଲିମ୍ ନେଇଥିଲେ । ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଫୁଲବାଣୀ ଡ଼. ପ୍ରଭାତ କୁମାର ମିଶ୍ର ତାଲିମ ପ୍ରଦାନ କରିଥିଲେ । ତତ୍ ସଙ୍ଗେ ସଙ୍ଗେ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ (ଜୀବ ମଙ୍ଗଳ) ଡକ୍ଟର ଦିଗବିଜୟ ଗିରି, (ପ୍ରାଣୀଉତ୍ପାଦ) ଡକ୍ଟର ପୀୟୁଷ୍ ରଂଜନ ସୋରେନ୍, (ରୋଗ ନିୟନ୍ତ୍ରକ) ଡକ୍ଟର ପ୍ରଣବ ପଟ୍ଟନାୟକ ଏବଂ ବାଲିଗୁଡା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡକ୍ଟର ଲମ୍ବୋଦର ମହାପାତ୍ର ସମେତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ତାଲିମ ଶିବିରକୁ ଡକ୍ଟର ଅଳକା ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ଗଣନା କାର୍ଯ୍ୟକ୍ରମ ବ୍ୟବହାର ସୁଗମ ମୋବାଇଲ ଆପ୍ ଜରିଆରେ କରାଯିବ । ସାରା ଦେଶରେ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଆରମ୍ଭ ହୋଇ ଡିସେମ୍ବର ମାସ ସୁଦ୍ଧା ସମାପ୍ତ କରାଯିବ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେଣୁ ଏ ଗଣନା କାର୍ଯ୍ୟକ୍ରମର ଗୁରୁତ୍ୱକୁ ଅନୁଭବ କରି ଜନ ସାଧାରଣ ଗଣନା କରାଙ୍କୁ ସହୋଯୋଗ କରିବା ନିମନ୍ତେ ବିଭାଗ ତରଫରୁ ଅନୁରୋଧ କରାଯାଇଛି । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରି ଡକ୍ଟର ପଟେଲ ସମସ୍ତ ଗଣନାକାରିଙ୍କୁ ନିର୍ଭୁଲ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ନିମନ୍ତେ ଆହ୍ୱାନ କରିଛନ୍ତି ।

## ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ କୌଶଳ ରଥକୁ ସ୍ୱାଗତ

କୋରେଇ, ୫/୯ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ବିଦ୍ୟାଦଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତା ବିକାଶ କରାଯାଇ କିପରି ସେମାନଙ୍କୁ ସ୍ୱାବଲମ୍ବୀ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେଇ ସାରା ରାଜ୍ୟରେ କୌଶଳ ରଥ ପରିକ୍ରମା କରୁଛି । ଏହି ଅବସରରେ ଆଜି ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମା ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ର/ଛାତ୍ରୀ ମାନେ ଯୋଗଦେଇଥିଲେ । କୌଶଳ ରଥ ପାଣିକୋଇଲିରେ ପହଂଚିବା ପରେ ଏହାକୁ ସ୍ୱାଗତ କରାଯାଇଥିଲା । ଛାତ୍ର/ଛାତ୍ରୀ ମାନେ ଚାକିରି ପଛରେ ନଗୋଡାଇ କିପରି ନିଜେ ଦକ୍ଷତା ବିକାଶ କରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ କୌଶଳ ରଥ ବସ ମଧ୍ୟରେ ଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ମାଟ୍ରିକ ପରେ ସେମାନେ ନିଜେ ନିଜ ପସନ୍ଦ କେଉଁ ପ୍ରକଳ୍ପକୁ ବାଛିବେ ତାହା ସେମାନଙ୍କ ନିଜସ୍ୱ ଚିନ୍ତାଧାର ବୃଦ୍ଧି କରିବ ବୋଲି ଆଶା ପ୍ରକାଶ ପାଇଥିଲା । ବିଦ୍ୟାଳୟର ସ୍କାଉଟ ଗାଇଡ ପକ୍ଷରୁ ଶିକ୍ଷକ କାହ୍ନୁ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ଯାଜପୁର ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ, ସ୍ୱାଗତ ସାହୁ, ସହ ପ୍ରଶିକ୍ଷଣ ଅଧିକାରୀ ରଂଜନ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରେମେଶ ଚନ୍ଦ୍ର ମହାକୁଡଙ୍କ ସମେତେ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ, ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ବିଦ୍ୟାଳୟର ନବମ, ଦଶମ ଛାତ୍ରଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ । ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପହି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରି ଫସଲ ପାଇଁ ତାଲିମ

କେନ୍ଦ୍ରାପଡ଼ା, ୫/୯ (ନି.ପ୍ର): କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରରେ ଗ୍ରାମୀଣ ଯୁବକ ଯୁବତୀଙ୍କ ନିମନ୍ତେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରି ଉଦ୍ୟାନ ଭିତିକ ଫସଲର ଉତମ ଗୁଣବତା ବିଶିଷ୍ଟ ଚାରା ଉତ୍ପାଦନ ନିମନ୍ତେ ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ଶିକ୍ଷିତ ଯୁବକ ଯୁବତୀମାନେ ଏଥିରେ ଅଂଶଗ୍ରହଣ କରି ତାଲିମ ଅର୍ଜନ କରିଥିଲେ । ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବଃ ପ୍ରଭଞ୍ଜନ ମିଶ୍ରଙ୍କ ସହ ଶତାଧିକ ଯୁବକ ଯୁବତୀ ଉପସ୍ଥିତ ଥିଲେ ।

## ରଘୁନାଥପଲ୍ଲୀରେ ପବିତ୍ର ଗୁରୁଦିବସ ପାଳିତ

### ସମାଜ ପ୍ରତି ସମର୍ପିତ ଭାବନା ସହିତ ରାଷ୍ଟ୍ରଭକ୍ତ ଛାତ୍ର ସମାଜ ଗଠନ କରିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ - ଡ଼ଃ ଅଜୟ କୁମାର ରଥ



ରାଉରକେଲା ,୫/୦୯ (ନି.ପ୍ର): ଆଜି ପବିତ୍ର ଗୁରୁ ଦିବସ ଅବସରରେ ରଘୁବାଥପଲ୍ଲୀ ବିଧାନସଭା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ଇସ୍ପାତ ସହରାଞ୍ଚଳରେ ଥିବା ସେକ୍ଟର-୧୮ ସ୍ଥିତ ଉପହାର ନାମକ କମ୍ୟୁନିଟି ସେଣ୍ଟର ପରିଷରରର ରଘୁନାଥପଲ୍ଲୀ ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀଙ୍କ ପ୍ରତାକ୍ଷ ତତ୍ତ୍ୱାବଧାନରେ ଏକ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଦୁର୍ଗା ତନ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଗୁରୁ ପୂଜନ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ସେକ୍ଟର-୬ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃଣତି ସୁଜାତା ଜେନାଙ୍କ ସହିତ ସେହି ବିଦ୍ୟାଳୟର ଛାତ୍ରୀ ଦୀପିକା ରାଣୀ ଦାସ ନିଜ ସାଥି ମାନଙ୍କ ସହ ମିଶି ଗୁରୁବନ୍ଦନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଆୟୋଜିତ୍ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ. ଆଇ. ଟି ର ନିର୍ଦ୍ଦେଶକ ଡ଼ଃ କେ. ଉମା ମହେଶ୍ୱର ରାଓ ନିଜ ବକ୍ତବ୍ୟରେ ଆଗାମୀ କାଲିର ଭବିଷ୍ୟତ ରୂପୀ ଆଜିର ଛାତ୍ର ସମାଜ ର ପ୍ରଥମ ବିଦ୍ୟାଳୟ ହେଉଛି ତାର ଘର ଯେଉଁଠାରୁ ଜଣେ ପିଲା ସଂସ୍କାର ଜ୍ଞାନ ପାଇଥାଏ ଯାହାକି ତାକୁ ଉତ୍ତମ ଶିକ୍ଷାପ୍ରାପ୍ତିରେ ସହାୟକ ହୋଇଥାଏ ।ସ୍ୱତନ୍ତ୍ର ଅତିଥିଭାବେ ବିପିୟୁଟିର ଉପ କୂଳସଚିବ ଡ଼ଃ ଅଜୟ କୁମାର ରଥ ଯୋଗଦେଇ ନିଜ ବକ୍ତବ୍ୟରେ ଗୁରୁଦିବସର ମହତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଶୃଙ୍ଖଳା ଜ୍ଞାନ ଦେଇ ସେମାନଙ୍କ ମନରେ ନିଜ ପରିବାର ଓ ସମାଜ ଏବଂ ନିଜ ଦେଶ ମାତୃଭୂମି ପ୍ରତି ସମର୍ପିତ ଭାବନା ଜାଗ୍ରତ କରାଇ ସେମାନଙ୍କୁ ଏକ ରାଷ୍ଟ୍ରଭକ୍ତ ନାଗରିକଟିଏ କରି ଗଢିତୋଳିବା ଜଣେ ଗୁରୁର ପ୍ରମୁଖ ଦାୟୀତ୍ୱ ବୋଲି କହିଥିଲେ ।ମୁଖ୍ୟବକ୍ତାଭାବେ ରାଉରକେଲା ମୁନିସିପାଲ କଲେଜର ଅଧକ୍ଷ ଡ଼ଃ ସନାତନ ପ୍ରଧାନ ଯୋଗଦେଇ ସର୍ବପଲ୍ଲୀ ରାଧାକୃଷ୍ଣ ଙ୍କ ଜୀବନୀ ଓ ଆଦର୍ଶର ସ୍ମୃତି ଚାରଣ କରିଥିଲେ ।ଏହି ଅବସରରେ ବିଶ୍ରା ଏବଂ କୁଆଁରମୁଣ୍ଡା ବ୍ଲକ ଦୀକ୍ଷା ଅଧିକାରୀ ଶ୍ରୀ ସଦାନନ୍ଦ ପ୍ରଧାନ ଅନ୍ୟତମ ଅତିଥିଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଡ଼ଃ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜୀବନୀ ଓ ଆଦର୍ଶକୁ ପାଥେୟ କରି ସମସ୍ତ ଶିକ୍ଷକମାନେ ନିଜ କର୍ତ୍ତବ୍ୟ ସମ୍ପାଦନା କରିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରର ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ନିଜ ବକ୍ତବ୍ୟରେ ଏକଦା ଭାରତର ଶିକ୍ଷା ଓ ସଂସ୍କୃତି ନା କେବଳ ଆମ ଦେଶ ଭାରତରେ ପ୍ରସିଦ୍ଧ ଥିଲା , ଏହା ସମଗ୍ର ବିଶ୍ୱରେ ମହାନ ଥିଲା ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ନାଳନ୍ଦା ବିଶ୍ୱବିଦ୍ୟାଳୟ ।ଯେଉଁଠାକୁ ବିଶ୍ୱର ବିଭିନ୍ନ ଦେଶର ଛାତ୍ରଛାତ୍ରୀ ମାନେ ଶିକ୍ଷା ପ୍ରାପ୍ତି ପାଇଁ ଆସୁଥିଲେ କିନ୍ତୁ ସମୟର କାଳଚକ୍ରରେ ବିଦେଶୀ ଆକ୍ରମଣଜକାରୀଙ୍କ କୋପଦୃଷ୍ଟିର ଶିକାର ହେବା ସହିତ ଆଜି ପାଶ୍ଚାତ୍ୟ ସଂସ୍କୃତିର ଷଡଯନ୍ତ୍ରର ଶିକାର । ଆମର ଶିକ୍ଷା ବ୍ୟବସ୍ଥା ଯଦିଓ ଛାତ୍ର ସମାଜପାଇଁ ଉପଯୁକ୍ତ ନୁହେଁ ତେବେ ଘାଟ ପ୍ରତିଘାତ ସତ୍ତ୍ୱେ ଆଜି ମଧ ଆମ ଭାରତୀୟ ଶିକ୍ଷା ପଦ୍ଧତି ସମଗ୍ର ବିଶ୍ୱରେ ନିଜର ବିଶେଷ ପରିଚୟ ସୃଷ୍ଟି କରିପାରିଛି ।ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ସାମ୍ବାଦିକ ବନ୍ଧୁ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ସେକ୍ଟର-୬ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଶ୍ମିତା ମହାପାତ୍ର କରିଥିବା ବେଳେ ଭାରତୀୟ ଜନତା ପାର୍ଟି ପାନପୋଷ ସାଙ୍ଗଠନିକ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଲତିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଇ ଦିନ କେଇଟାରେ ପୂଜା ପାଇବେ ବିଘ୍ନରାଜ : ମୂର୍ତ୍ତି ଗଢାରେ ବ୍ୟସ୍ତ କାରିଗର, ଶେଷ ସ୍ପର୍ଶକୁ ଅପେକ୍ଷା

ଧର୍ମଶାଳା, ୫/୯ (ନି.ପ୍ର): ଗଣେଶ ପୂଜାରୁ ଆରମ୍ଭ ହେବାକୁ ଯାଉଛି ପାର୍ବଣ ଋତୁ । ଧରା ପୃଷ୍ଠ ହେବ ଉତ୍ସବ ମୁଖର । ଏବେଠାରୁ ଉତ୍ସାହ । ଗୋଟିଏ ପରେ ଗୋଟିଏ ପୂଜା ପାଳିତ ହେବାକୁ ଯାଉଛି । ବିଶେଷ କରି ତତ୍ପର ହୋଇ ପଡିଛନ୍ତି ଶିଳ୍ପୀ । ମାଟି ମୂର୍ତି କାରିଗରମାନେ ଯେପରି ମର୍ତି ଗଢିବାରେ ଲାଗି ପଡିଛନ୍ତି । ସେପ୍ଟେମ୍ବର ୭ ତାରିଖରେ ବିଦ୍ୟାଦାତା ଓ ବୁଦ୍ଧିଜାତା ଗଣେଶଙ୍କ ପୂଜା । ଏହି ପୂଜା ପାଇଁ ପାରମ୍ପରିକ ପ୍ରସ୍ତୁତି ହୋଇଗଲାଣି । ମାସେ ଆଗରୁ କାରିଗର ମୂର୍ତି ନିର୍ମାଣ ଆରମ୍ଭ କରି ଦେଇଥିବା ବେଳେ ଏବେ ଅପେକ୍ଷା ଶେଷ ସ୍ପର୍ଶକୁ । ବରାଦ ଅନୁସାରେ ମୂର୍ତି ତିଆରି ଚାଲିଛି । ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ମୂର୍ତି ତିଆରି ସହ ବିକ୍ରୀ ଧିରେ ଧିରେ ଆରମ୍ଭ ହେଲାଣି । ବିଦ୍ୟା,ବୁଦ୍ଧି ପ୍ରଦାୟକ ବିଘ୍ନରାଜ ପୂଜା ପାଇଁ ଧର୍ମଶାଳା ଅଂଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ବିଭିନ୍ନ ସାହି,ମଣ୍ଡପ, ଓ ଛକ ବଜାରରେ ପୂଜା ହେବ । ଯାହାକୁ ନେଇ ସମସ୍ତଙ୍କୁ ଆକର୍ଷଣ କଲା ଭଳି ମୂର୍ତି ନିର୍ମାଣରେ ଲାଗି ପଡିଛନ୍ତି କାରିଗର । ସ୍ଥାନୀୟ ଅଂଚଳ ସମେତ ଆଖପାଖ ଅଂଚଳରୁ କାରିଗରମାନେ ଆସି ମୂର୍ତି ନିର୍ମାଣ କରୁଛନ୍ତି । ଚାହିଦା ଅନୁଯାୟୀ ଲଡୁ ଗଣେଶ,ବାଲକ୍ରୀଷ୍ଣ ଗଣେଶ,ବୁଢା ଗଣେଶ ଭଳି ବିଭିନ୍ନ ଆକର୍ଷଣୀୟ ମୂର୍ତି ଗଢୁଛନ୍ତି କାରିଗର । ପାଖାପାଖି ୨୦ ସେମିରୁ ଆରମ୍ଭ କରି ୧୫ଫୁଟ ଉଚ୍ଚତାର ମୂର୍ତି ନିର୍ମାଣ କରାଯାଉଛି । ମୂର୍ତି ମୂଲ୍ୟ ୫୦ ଟଙ୍କାରୁ ୧୫ ହଜାର ପର୍ଯ୍ୟନ୍ତ ରହୁଛି । ବିଶେଷ କରି ମୂର୍ତି ଗଢା ମାଟି ମିଳୁନି । ମଜୁରୀ ସମସ୍ୟା ସହିତ ରଙ୍ଗର ଦାମ ବହୁ ଗୁଣା ବୃଦ୍ଧି ପାଇଛି । ସବୁ ଦିନ ଗ୍ରାହକମାନଙ୍କୁ ଅନାଇ ବ୍ୟବସାୟ କରାଯାଉଛି । ଧର୍ମଶାଳା ଅଂଚଳର ଏହି କାରିଗର ବାପ ସାଆନ୍ତ ଅମଳରୁ ଏଠାରେ ପାର୍ବଣ ସମୟରେ ମୂର୍ତି ଗଢିବାରେ ଲାଗିଥାନ୍ତି । ବିଶେଶ କରି ଗଣେଶ ପୂଜାରେ ମେଢ ପ୍ରତିଯୋଗିତା ପାଇଁ ବ୍ୟବସାୟ ଭଲ ହୋଇଥାଲ । ଏଠାରେ ଭଲ ମନ ପସନ୍ଦ ଅନୁଯାୟୀ ବିନା କେମିକାଲ ରଙ୍ଗରେ ମୂର୍ତି ତିଆରି କରାଯାଉଥିବାରୁ ଗ୍ରାହକ ଖୁସ ଅଛନ୍ତି ।

## ସ୍ୱେଚ୍ଛାକୃତ ରକ୍ତଦାନ ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର

ଧର୍ମଶାଳା, ୫/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭିକା ଜୁତୀ ସେବା ସଂସ୍ଥାନ' ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ହାତକୁ ନିଆଯାଇଛି । ଆଜି ଅର୍ଥଙ୍ଗା ପଂଚାୟତସ୍ଥ ବଡ ଚଅପୋଇ ଠାରେ ଏକ ସ୍ୱେଚ୍ଛାକୃତ ରାକ୍ତଦାନ ଶିବିର ସହ ମୋତିଆ ବିନ୍ଧୁ ଚିହ୍ନଟ ଶିବିର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବାବାଜି ବେହେରାଙ୍କ ତତ୍ୱବଧାନରେ ମୁଖ୍ୟ ଅତିଥିଭାବେ ବରୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦେବେନ୍ଦ୍ର ଦାସ,ରସୁଲପୁର ବ୍ଲକର ପୂର୍ବତନ ପ୍ରାକ୍ତନ ଅଧ୍ୟକ୍ଷ ଡ. ରୁଦ୍ରନାରାୟଣ ପୃଷ୍ଟି,ଶିକ୍ଷାବିତ ଗଗନ ବିହାରୀ ଜେନା ପ୍ରମୁଖ ଯୋଗ ଦେଇ ସେବା ସଂସ୍ଥାନର ଏଭଳି ମହତ୍ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ରକ୍ତଦାନ ଶିବରରେ ୫୦ରୁ ଉର୍ଦ୍ଧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଶତାଧିକ ଚକ୍ଷୁ ରୋଗୀ ସେମାନଙ୍କ ଆଖି ପରୀକ୍ଷା କରାଇ ଥିଲେ ।

## ରାଜ୍ୟରେ ବାର୍ଡଫ୍ଲୁ ବ୍ୟାପୁଥିବା ବେଳେ ସେବାଶ୍ରମ ହଷ୍ଟେଲ୍ ଗୁଡ଼ିକରେ ପିଲାମାନଙ୍କୁ ଚିକେନ୍ ରନ୍ଧା ଖାଦ୍ୟ ଦିଆଯାଉଛି

ଭୁବନେଶ୍ୱର, ୫/୦୯ (ନି.ପ୍ର):ରାଜ୍ୟରେ ବାର୍ଡଫ୍ଲୁ ବ୍ୟାପୁଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ହଷ୍ଟେଲ୍ ଗୁଡ଼ିକରେ ଚିକେନ୍ ରନ୍ଧାଯାଇ ପିଲାମାନଙ୍କୁ ଦିଆଯାଉଛି । ହଷ୍ଟେଲ୍ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକମାନେ କମ୍ ଦାମ୍‌ରେ ରୋଗଗ୍ରସ୍ତ ଥିବା ଚିକେନ୍ ଗୁଡ଼ିକୁ ମଗାଇ ପିଲାମାନଙ୍କୁ ଦିଆଯାଉଛି । ଗତ ୧.୯.୨୦୨୪ରିଖ ରବିବାର ରାଜ୍ୟରେ ଥିବା ସମସ୍ତ ସେବାଶ୍ରମ ଓ ହଷ୍ଟେଲ୍ ଗୁଡ଼ିକରେ ପିଲାମାନଙ୍କୁ ଚିକେନ୍ ତରକାରୀ ଦିଆଯାଇଛି ଏବଂ ପ୍ରଧାନଶିକ୍ଷକଙ୍କ ସହଯୋଗୀମାନେ ମଟନ ରାନ୍ଧୀ ଖାଉଥିବା ବେଳେ ପିଲାମାନଙ୍କୁ ଏଭଳି ଅଖାଦ୍ୟ ଦେବା କେତେଦୂର ଯଥାର୍ଥ ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ରୋଷେୟା ଓ ସେବାୟତ ଏବଂ ମେଟ୍ରୋନ୍ ସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରଶ୍ନ କରିଛନ୍ତି । ବାର୍ଡଫ୍ଲୁ ରାଜ୍ୟରେ ଆତଙ୍କ ସୃଷ୍ଟି କରି ହଜାର ହଜାର କୁକୁଡା ମୃତ୍ୟୁବରଣ କରୁଥିବା ବେଳେ ୩୦ଗୋଟି ଜିଲ୍ଲାର ମଙ୍ଗଳ ଅଧିକାରୀ ମୋହଦୟମାନେ ଏଭଳି ସଂକ୍ରାମକ ରୋଗରେ ଥିବା କୁକୁଡା ମାଂସଗୁଡ଼ିକ ହଷ୍ଟେଲ୍‌ରେ ରନ୍ଧାଯାଇ ପିଲାମାନଙ୍କୁ କେମିତି ଦିଆଯାଉଛି, ମଙ୍ଗଳ ଅଧିକାରୀଙ୍କ ନଜରରେ ନ ଆସିବା ବଡ଼ ଦୁଃଖଦାୟକ । ଖୁବ୍ ଶୀଘ୍ର ଏକ ନିର୍ଦ୍ଦେଶନାମା ସରକାର ଜାରୀ କରି ଏଭଳି ଅଖାଦ୍ୟକୁ ବନ୍ଦ କରାନଗଲେ ପିଲାମାନେ ସଂକ୍ରମିତ ହେବେ ।

ପ୍ରଧାନଶିକ୍ଷକମାନେ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦେଇଥିବାରୁ ଅନେକ ପିଲାମାନେ ରୋଗାଗ୍ରସ୍ତ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରୁଥିବା ବେଳେ ୨୪ଘ । କାର୍ଯ୍ୟରତ ମେଟ୍ରୋନ୍ ମାନଙ୍କୁ ଦୋଷି ସାବ୍ୟସ୍ତ କରାଯାଇ ବହିଷ୍କାର କରାଯାଉଛି । କିନ୍ତୁ ଅଖାଦ୍ୟ ଦେଉଥିବା ପ୍ରଧାନଶିକ୍ଷକମାନଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ପୁରସ୍କାର ସୂଚକ ତିନି/ ଚାରିମାସ ନିଲମ୍ବିତ କରି ନିଜ ଉପରୁ ଦୋଷ ଛଡ଼ାଇ ଧର୍ମକୁ ଆଖିଠାର ଦେଇ ଚାଲିଛନ୍ତି । ଏଭଳି ଅବ୍ୟବସ୍ଥାକୁ ଯଦି ପରିବର୍ତନ ନ ଅଣାଯାଏ, ତାହେଲେ ଆଗକୁ ବହୁତ ମହଙ୍ଗା ପଡ଼ିବ ବୋଲି ଶ୍ରୀ ଜେନା ସତର୍କ କରାଇ ମାନ୍ୟବର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ନିବେଦନ କରିଛନ୍ତି ।

## ସଦସ୍ୟତା ହେଉଛି କାର୍ଯ୍ୟକର୍ତା ଚୟନର ମୂଳ ଆଧାର: ରୁଦ୍ର ନାରାୟଣ ପାଣି

ଅନୁଗୁଳ, ୫/୯ (ନି.ପ୍ର): ଏକ ନୂଆ ଓଡ଼ିଶା ଗଠନ କରି ରାଜ୍ୟକୁ ବିକଶିତ କରିବାକୁ ଅନୁଗୁଳ ଜିଲ୍ଲା କୁ ଏକ ନମ୍ବର କରିବାକୁ ଆଜି ଆମକୁ ସଂକଳ୍ପ ନେବାକୁ ହେବ । ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନର ସରକାର ଚାଲିଛି । ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ରାଜ୍ୟରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଶାସନ ବ୍ୟବସ୍ଥାକୁ ହଟାଇବା ପାଇଁ ଆମ କାଯ୍ୟକର୍ତାମାନେ ବହୁ ସଂଘର୍ଷ କରିଥିଲେ । କାର୍ଯ୍ୟକର୍ତାଙ୍କ କଠିନ ପରିଶ୍ରମ ଓ ଦୃଢ ନିଷ୍ଠା କାରଣରୁ ଓଡିଶାବାସୀ ଆମ ଉପରେ ଆସ୍ଥାପ୍ରକଟ କରି ଆମକୁ ଭୋଟ ଦେଇଥିଲେ ଏବଂ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିପାରିଛି । ଆଜି ସାଢ଼େ ଚାରି କୋଟି ଓଡ଼ିଆ ଆମ ଉପରେ ଖୁସି ଅଛନ୍ତି । ଏବେ ଅଧିକରୁ ଅଧିକ ସଦସ୍ୟ ଆମ ସଙ୍ଗଠନ ସହ ଯୋଡିବାର ସମୟ ଆସିଛି । ଆମେ ଯେଉଁମାନେ ଆଜି ବଡ ଦାୟିତ୍ୱରେ ବସିଛେ, ତାର ପ୍ରଥମ ସୋପାନ ସଙ୍ଗଠନର ତୃଣମୂଳସ୍ତରରୁ ହିଁ ଆରମ୍ଭ ହୋଇଛି । ସଦସ୍ୟତା ହେଉଛି କାର୍ଯ୍ୟକର୍ତା ଚୟନର ମୂଳ ଆଧାର । ସଙ୍ଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତା । ବିଜେପି ଦଳର ଶକ୍ତିର ମୂଳ ଆଧାର ହେଉଛି ସଙ୍ଗଠନ । ସଙ୍ଗଠନର ଶକ୍ତି ସହିତ ଆମର ବୈଚାରିକ ସ୍ୱଷ୍ଟତା ଓ ଗରୀବ କଲ୍ୟାଣର ମନ୍ତ୍ର ଆମକୁ ଦେଶ ଓ ରାଜ୍ୟରେ ଲୋକଙ୍କର ବିଶ୍ୱାସଭାଜନ କରିଛି । ଆମ ସଦସ୍ୟତା ଅଭିଯାନ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ହେବ ବୋଲି ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଥିଲେ ।ଜିଲ୍ଲା କାର୍ଯ୍ୟାଳୟ ରେ ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସାଂସଦ ଶ୍ରୀ ପାଣି ପ୍ରକାଶ କରିଥିଲେ ।ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଜିଲ୍ଲାର ସମସ୍ତ ବୁଥ ରେ ଆମେ ସଦସ୍ୟ କରାଇବା ଆମର ଲକ୍ଷ । ସଦସ୍ୟତା ଅଭିଯାନର ଗୁରୁ ଦାୟିତ୍ୱ ଆମର କାର୍ଯ୍ୟକର୍ତାମାନଙ୍କ ଉପରେ ନ୍ୟସ୍ତ ।ବିଜେପି ଅନୁଗୁଳ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ "ସଦସ୍ୟତା ଅଭିଯାନ-୨୦୨୪"ର ଶୁଭାରମ୍ଭ ଅବସରର ଭାରତୀୟ ଜନତା ପାର୍ଟି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ । ଏହି ଦଳ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରେ । ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଛିଡ଼ା ହୋଇଥିବା ଏହି ଦଳ ବହୁ ସଂଘର୍ଷ, ତପସ୍ୟା ପରେ ୧୮ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ସହିତ ଆଜି ବିଶ୍ୱର ଏକ ନମ୍ବର ରାଜନୈତିକ ଦଳ ହୋଇପାରିଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ଏହି ଦଳର ଆତ୍ମା ହେଉଛନ୍ତି ତାର ସଦସ୍ୟ । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଲୋକଙ୍କ ସେବା କରିବା ହେଉଛି ବିଜେପିର ଲକ୍ଷ୍ୟ । ସମାଜର ସବୁଠାରୁ ତଳ ପାହାଚରେ ଥିବା ଲୋକଙ୍କ ସେବା କରିବା ସହ ସେମାନଙ୍କୁ ଦଳର ବିଚାରଧାରା ସହ ଯୋଡ଼ିବା ହେଉଛି ବିଜେପିର ଉଦ୍ଦେଶ୍ୟ । ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ଯୋଡି ବିଜେପିକୁ ଆହୁରି ଶକ୍ତିଶାଳୀ କରିବାକୁ ହେବ ବୋଲି "ସଦସ୍ୟତା ଅଭିଯାନର ୨୦୨୪"ର ଶୁଭାରମ୍ଭ ଅବସରରେ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି, ଏହି ଦଳ ହେଉଛି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନର ଦଳ । ଦିନଦୟାଲ ଉପାଧ୍ୟାୟଙ୍କ ଚିନ୍ତାଧାରା ଅନୁସାରେ କାର୍ଯ୍ୟକରୁଥିବା ଏହି ଦଳରେ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରି ସୁଶାସକ ଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ୧୦ବର୍ଷ ହେବ ଦେଶ ତଥାରାଜ୍ୟଓ ଅନୁଗୁଳଜିଲ୍ଲାକୁ ବିକଶିତ ପଥରେ ଆଗେଇ ନେଉଛନ୍ତି ।ଅନୁଗୁଳ ଜିଲ୍ଲା ଲୋକେ ବିଜେପି ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଗୋଟି ଗୋଟି ସଦସ୍ୟ ଯୋଡି ଆଜି ଆମେ ଏହି ସ୍ଥାନରେ ପହଁଚିପାରିଛୁ । ୧୯୮୦ ମସିହାରେ ଭାରତୀୟ ଜନତା ପାର୍ଟି ଆରମ୍ଭ ହେଲା । ୧୯୮୯ ମସିହା ପର୍ଯ୍ୟନ୍ତ ଆମେ ମାତ୍ର ୧% ଭୋଟ ପାଇଁ ସଂଘର୍ଷ କରୁଥିଲୁ । ସଦସ୍ୟଙ୍କ ସଂଖ୍ୟା ୪୧ ଲକ୍ଷ ହୋଇଛି । ଭୋଟ ସଂଖ୍ୟା ବଢ଼ି ୪୦% ପହଂଚିଛି । ଲୋକସଭାରେ ୪୫% ଭୋଟ୍ ମିଳିଛି । ସମାଜର ସମସ୍ତ ବର୍ଗ ଓ ବ୍ୟକ୍ତିବିଶେଷଙ୍କୁ ଦଳରେ ସାମିଲ କରାଯିବ ।

## ଅବସରପ୍ରାପ୍ତ ଅଧାପକମାନେ ବକେୟା ପେନସନ୍ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି




ବାଲେଶ୍ୱର,୫/୦୯ (ନି.ପ୍ର): ବିଭିନ୍ନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀବୃନ୍ଦ ତିରିଶ୍ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରି ଦୁଃଖ, ଯନ୍ତ୍ରଣା ଓ ଅଭାବ ଭିତରେ ମୃତ୍ୟୁକୁ ଅପେକ୍ଷା କରି ରହିଛୁ । ଆମେ ଉଭୟ ଗ୍ରାମାଞ୍ଚଳ ଓ ସହରରେ ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରି ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଦେଶକୁ ଉପହାର ଦେଇଛୁ । ପୂର୍ବ ବି.ଜେ.ଡ଼ି. ସରକାର ୨୦୦୮, ୨୦୦୯, ୨୦୧୭ ଅର୍ଡର ମାଧ୍ୟମରେ ଆମ୍ଭଙ୍କୁ ବାରମ୍ବାର ପ୍ରତାରିତ କରିଛନ୍ତି । ଦୀର୍ଘଦିନ ଆମେ ବିନା ବେତନରେ ଖଟିଲୁ ଶେଷ କାଳରେ ବ୍ଲକଗ୍ରାଣ୍ଟର ନିଅଣ୍ଟିଆ ଅର୍ଥ ଲାଭକଲୁ । ଫଳରେ ଆମର ଜୀବନ, ଯୌବନ ଓ ପରିବାର ନଷ୍ଟ ହୋଇଗଲା । ଏବେ ଆମେ ସମାଜ ଓ ପରିବାରରୁ ବାଛନ୍ଦ ହୋଇଛୁ । ଅବସର ପରେ ଗୋଟିଏ ଟଙ୍କା ଗ୍ରାଚୁଇଟି କିମ୍ବା ପେନସନ୍ ପାଇଲୁ ନାହିଁ । ଫଳରେ ପେନସନ୍ ପାଇଁ ଆମେ ସବୁ ଉଚ୍ଚନ୍ୟାୟାଳୟରେ ଦ୍ୱାରସ୍ଥ ହେଲୁ । ୨୦୨୪ ନିର୍ବାଚନ ପୂର୍ବରୁ ଭୟଭୀତ ବି.ଜେ.ଡ଼ି. ସରକାର ୧୩.୦୩. ୨୦୨୪ ତାରିଖରେ ୧୦୭୦୭ ଅର୍ଡର ମାଧ୍ୟମରେ ଅଧ୍ୟାପକଙ୍କୁ ଦଶ ଲକ୍ଷ ଓ ଅଣଶିକ୍ଷକଙ୍କୁ ପାଞ୍ଚ ଲକ୍ଷ କ୍ଟଭର ଫ୍ପସଙ୍କର ମରଫ୍ପଫ୍ପବଫ୍ପସକ୍ଟଭ ଭରଭରଲସଫ୍ପ ଦେବାପାଇଁ କଲେଜରୁ କାଗଜପତ୍ର ମଗାଇ ନେଲେ । ହେଲେ ଉଚ୍ଚନ୍ୟାୟାଳୟ ପୁନର୍ବାର ୨୧.୦୩. ୨୦୨୪ରିଖରେ ରାୟ ଦେଲେ ସରକାର ଏପରି ସାହାଯ୍ୟ ରାଶି ଦେଇପାରିବେ ନାହିଁ । ତିନିମାସ ମଧ୍ୟରେ ଧାରାବାହିକ ଭାବେ ପେନସନ୍ ଦେବାକୁ ହେବ । ଏହା ଭିତରେ ଅନେକ ଅଧାପକ ଓ କର୍ମଚାରୀ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଆରପାରିକୁ ଚାଲିଗଲେଣି । ବଞ୍ଚିଥିବା ଆମେମାନେ ମଧୁମେହ, କ୍ୟାନ୍ ?ସର, ରକ୍ତଚାପ ରୋଗରେ ଶିକାର ହୋଇ ଖାଦ୍ୟ, ଔଷଧ ଓ ବସ୍ତ୍ର ପାଇଁ ସଂଗ୍ରାମ କରୁଛୁ । ଏହା ଗୁରୁବର୍ଗଙ୍କ ପାଇଁ ଅଭିଶାପ ସଦୃଶ୍ୟ । ମୃତ୍ୟୁର ଅବ୍ୟବହତି ପୂର୍ବରୁ ପେନସନ୍ ପାଇବା ପାଇଁ ଆପଣଙ୍କ ନିକଟରେ ସବିନୟ ପ୍ରାର୍ଥନା କରୁଛୁ । ଆଶା ଓ ବିଶ୍ୱାସ ଆପଣ ଆମକୁ ନିରାଶ କରିବେ ନାହିଁ ।

## ସୂଚନା ଫଳକରେ ସୀମିତ ନିଶାଗଡ଼ିଆ ଶିବ ମନ୍ଦିର ଉନ୍ନତିକରଣ କାର୍ଯ୍ୟ

ଚମ୍ପୁଆ, ୫/୯ (ନି.ପ୍ର): ଆମ ଓଡିଶା ନବୀନ ଓଡିଶା ମାଧ୍ୟମରେ ବିଭିନ୍ନ ଦେବାଳୟର ଉର୍ନ୍ନତି କରଣ ପାଇଁ ଦିଆ ଯାଇଛି ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ । ମାତ୍ର ବାସ୍ତବ ପକ୍ଷେ ସେହି ଟଙ୍କା କେତେଦୂର କାର୍ଯ୍ୟକାରୀ ହେଉଛି ତଦାରଖ କରିବାକୁ କେହି ନାହିଁ । ଯାହା ଫଳରେ ଅନେକାଂଶରେ କେବଳ ସୂଚନା ଫଳକରେ ଉର୍ନ୍ନତି କରଣ କାର୍ଯ୍ୟ ସୀମିତ ରହିଥିବା ଦେଖିବାକୁ ମିଳୁଛି । ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ନିଶାଗଡ଼ିଆ ଗ୍ରାମରେ । ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଶିବ ମନ୍ଦିରର ଉର୍ନ୍ନତି କରଣ ଏବଂ ଫେବର ଟାଇଲ ଫିଟିଙ୍ଗ ପାଇଁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଥିବା ନେଇ ଚମ୍ପୁଆ ପଂଚାୟତ ସମିତି ପକ୍ଷରୁ ସୂଚନା ଫଳକ ଲାଗିଛି । କିନ୍ତୁ ଫଳକ ଲାଗିବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାମ ହୋଇ ନ ଥିବାବେଳେ ସୂଚନା ଫଳକ ମାରି ଠିକାଦାର ଛୁ ମାରିଛି । ତଥାପି,ଏହା ଉପରେ ସ୍ଥାନୀୟ ପ୍ରଶାସନର ନଜର ଏ ପର୍ଯ୍ୟନ୍ତ ପଡି ପାରି ନ ଥିବାରୁ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମନ୍ଦିର ଉର୍ନତି କରଣ ପାଇଁ ଦିଆ ଯାଇଥିବା ଅନୁଦାନ ଟଙ୍କା କୁ କୌଣସି କାର୍ଯ୍ୟ ନ କରି ହଡପ କରିବାକୁ ବିଧିବଦ୍ଧ ଯୋଜନା କରା ଯାଉଥିବା କଥା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ପୁଞ୍ଜିଭୁତ ହେବାରେ ଲାଗିଛି । ତେଣୁ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ଓୟୁଜେ କର୍ମକର୍ତ୍ତା



ବାଲେଶ୍ୱର, ୫/୯ (ନି.ପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଗତକାଲି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ସୌଜନ୍ୟ ମୂଳକ ସାକ୍ଷାତ କରାଯାଇଥିଲା। ଏହି ସାକ୍ଷାତ ସମୟରେ ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଓ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଙ୍କୁ ସଂଘର ମୁଖପତ୍ର ଆହ୍ୱାନ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲାସଂଘର ବିଭିନ୍ନ କାର୍ଯ୍ୟଧାରା ଉପରେ ପଚାରି ବୁଝିଥିଲେ। ରାଜ୍ୟର ସମସ୍ତ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଓୟୁଜେ ର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ମୋ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସାମ୍ବାଦିକ ମାନଙ୍କ ସାମୁହିକ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି ପର୍ଯ୍ୟାୟ କ୍ରମେ ସାମ୍ବାଦିକଙ୍କ ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଅଜଣା କାରଣରୁ ଲୋଧା ବ୍ୟକ୍ତିଙ୍କ ମୃତ୍ୟୁ



କପ୍ତିପଦା, ୫/୯ (ନି.ପ୍ର): କପ୍ତିପଦା ଥାନା ଅନ୍ତର୍ଗତ ଜଡିଦା ଗ୍ରାମ ପଞ୍ଚାୟତର ଲୋଧାସାହିରେ ଲୋଧା ସଂପ୍ରଦାୟର ଜୈନିକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି । ତେବେ ମୃତ୍ୟୁର କାରଣ ଜଣାପଡିନାହିଁ । ଖବରରୁ ପ୍ରକାଶ ଉକ୍ତ ଗ୍ରାମର ଦାମ ଭକ୍ତା ସ୍ଥାନୀୟ ଦୋକାନରୁ ଚାଉଳ ଆଣି ପତ୍ନୀ ରୁନ୍ଧୀ ଭକ୍ତାକୁ ରୋଷେଇ କରିବାକୁ କହି ସେ ଛତୁ ଆଣିବାକୁ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ । ତେବେ ଦୀର୍ଘ ସମୟ ଧରି ନଆସିବାରୁ ପତ୍ନୀ ଖୋଜାଖୋଜି କରିଥିଲେ । ତେବେ ଗ୍ରାମବାସୀମାନେ ଆସି ପତ୍ନୀ ରୁନ୍ଧିଙ୍କୁ ଖବରର ଦେଲେ ଯେ ସ୍ୱାମୀ ଦାମ ଭକ୍ତା ଆମ ବିଲ ପାଖ ଜଙ୍ଗଲରେ ପଡିଛି । ପତ୍ନୀ ଘଟଣାସ୍ଥଳକୁ ଯାଇ ଦେଖନ୍ତି ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା । ଖବରପାଇ ଘଟଣାସ୍ଥଳରେ କପ୍ତିପଦା ପୁଲିସ ପହଞ୍ଚି ଶବକୁ ଜବତ୍ କରି ଶବ ବ୍ୟବଚ୍ଛେଦ କରାଇଛି । ତେବେ ଦାମ ଭକ୍ତାଙ୍କର ମୃତ୍ୟୁର କାରଣ କିଛି ଜଣାପଡିନାହିଁ । ପୁଲିସ କେଶ ନଂ ୩୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି ।

# ଡ୍ରିମ୍ସ ଆଇଡିଆଲ ସ୍କୁଲରେ ଗୁରୁଦିବସ ପାଳନ




ବାଲେଶ୍ୱର, ୫/୯ (ନି.ପ୍ର): ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ ଡ୍ରିମ୍ସ ଆଇଡଲ ସ୍କୁଲ ପରିସର ରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା ଜିଲ୍ଲା କ୍ରୀଡା ଅଧିକାରୀ ଏବଂ କବି ଅଭୟ ଦାସ ଯୋଗ ଦେଇ ସର୍ବପଲ୍ଲୀ ରଧାକିସନ୍ କଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରିଥିଲେ। କବି ଶ୍ରୀ ଅଭୟ ଦାସ ନିଜ ବକ୍ତବ୍ୟ ରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଆଦର୍ଶ , ତ୍ୟାଗ ଓ ନିଷ୍ଠା ବିଷୟରେ ପିଲା ମାନଙ୍କୁ ଅବଗତ କରାଇଥିଲେ। ଶ୍ରୀଯୁକ୍ତ ଜେନା ମହୋଦୟ ନିଜ ବକ୍ତବ୍ୟ ରେ ଉପ ରାଷ୍ଟ୍ରପତି ସର୍ବପଲ୍ଲୀ ରଧାକ୍ରିଷ୍ଣନଙ୍କ ଜିବନାଦର୍ଶ କୁ ନିଜର କରିବାକୁ ପିଲା ମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁଧାକର ନାୟକ ମହୋଦୟ ନିଜ ବକ୍ତବ୍ୟ ରେ ଗୁରୁ ଶିଷ୍ୟ ପରମ୍ପରା ର ପରିଭାଷା ସମ୍ପର୍କରେ ସମ୍ୟକ୍ ଆଲୋଚନା କରିଥିଲେ । ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାପୀଠ ର ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି କାର୍ଯ୍ୟକ୍ରମ ରେ ଆସି ଯୋଗ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ଗୁରୁବନ୍ଦନା ନୃତ୍ୟ ସହିତ ପରିବେଷଣ କରା ଯାଇଥିଲା । ରେହନା ବେଗମ୍,ଆରତୀ ବାଳା ଦାସ, ଅନିତା ରାଣୀ ଦାସ, ଆଞ୍ଚଳ ପ୍ରିୟା ବେହେରା, ମାମୁନି ମହାପାତ୍ର, ମୋନାଲିସା ଚାନ୍ଦ, ମୋନାଲିସା ପରିଡ଼ା, ଉର୍ମିଳା ଗିରି, ସରିଫୁଦ୍ଦିନ, ଅନ୍ନପୂର୍ଣ୍ଣା ମଲ୍ଲିକ, ଭଗବାନ ବେହେରା, କବିତା ସିଂ ପ୍ରମୁଖ କର୍ମଚାରୀଗଣ କାର୍ଯ୍ୟ ରେ ସହାୟତା କରିଥିଲେ।

## ମୋବାଇଲ ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୫/୯ (ନି.ପ୍ର): ଜୟପୁର ଟାଉନ ପୋଲିସ ମୋବାଇଲ ଚୋରି ମାମଲାରେ ଜଣେ ଅଭିଯୁକ୍ତ କୁ ଆଜି ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଛୋଟାଗୁଡାର ମାଧବ ପୁଜାରୀ (୨୩)। ପୋଲିସ ସୁଚନା ଅନୁଯାଇ ଜୟପୁର ସହର ପାରାବେଢାରେ ରହୁଥିବା ସଞ୍ଜୟ ସୁଆରଙ୍କ ଘରୁ ୨ଟି ମୋବାଇଲ ଚୋରି ହୋଇଯାଇଥିବା ନେଇ ଗତ ୨୮ ତାରିଖରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଛୋଟାଗୁଡାରୁ ୨ଟି ମୋବାଇଲ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

## କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଗୁରୁ ଦିବସ



ବାସୁଦେବପୁର, ୫/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ମତ କୃଷ୍ଣପୁର ପଞ୍ଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ବେହେରା ସଭାପତିତ୍ୱ କରିଥିଲେ । ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବନ୍ଦା ପନା ଓ ପୂଜା ଅର୍ଚ୍ଚନା କରିବା ସହିତ ଉପହାର ପ୍ରଦାନ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନସୀ ରାଣୀ ନାଥ, ଲିପିକା ସେନାପତି, ପ୍ରତାପ ବାରିକ, ରାକେଶ ନାୟକ, ଚନ୍ଦନ ବେହେରା, ବଳରାମ ବାରିକ, ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ପବିତ୍ର ଗୁରୁ ଦିବସ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମସ୍ତେ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

## ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗୁରୁ ଦିବସ ପାଳିତ



ବାଲିଆପାଳ , ୫/୯ (ନି.ପ୍ର): ବାଲିଆପାଳ ବ୍ଲକ ଛକ ନିକଟ ବଡ଼ ସିମୁଳିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗୁରୁ ଦିବସ ଗୁରୁବାର ପାଳିତ ହୋଇ ଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଭୀମ ଚରଣ ସାମଲ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ଭାରତୀୟ ସୈନିକ ସଂଗଠନ ଉପସଭାପତି ମନୋଜ କୁମାର ସି, ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ପ୍ରମୁଖ ଯୋଗ ଦେଇ ରାଧାକ୍ରିଷ୍ଣନଙ୍କ ଜୀବନୀ ଇତିହାସ, ଭାରତୀୟ ଗୁରୁ ପରମ୍ପରା ଉପରେ ଆଲୋଚନା କରିଥିଲେ।ପ୍ରଧାନ ଆଚାର୍ଯ୍ୟା ସଞ୍ଜୁଲତା ପାତ୍ର ଏହାକୁ ପରିଚାଳନା କରି ଥିବାବେଳେ ଗୁରୁମା ସୁମିତା ମଣ୍ଡଳ, ମିନତୀ ରାଜ, ସସ୍ମିତା ପ୍ରଧାନ, ନିବେଦିତା ସାହୁ, ସସ୍ମିତା ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn in the Court of Executive Magistrate, Bhadrak I Smt Anita Das, L.I.C Policy No-589495341, W/o-Lambodar Nayak, At/ po- Binayakpur, Via-Basudevpur, Dist-Bhadrak, pin-756125. Changed my name from Anita Das to Kanaka Manjari Nayak vide Affidavit No- 5700 dtd. 29.07.2024. that now on wards I shall be known as Kanaka Manjari Nayak for all purpose.

**Kanak Manjari Nayak**

**AFFIDAVIT**

By virtue of an affidavit sworn in the Court of Executive Magistrate, Bhadrak I Smt. Jayanti Lata Palai L.I.C Policy No- 587377156, W/o-Pratap Kumar Pallai, At/Po- Tulamtula, Po/ Via- Betada, dist-Bhadrak, Pin- 756168. Changed my name from Jayanti Lata Pallai to Runu Lata Pallai vide Affidavit No- 6523 dt. 27.08.2024 that now onwards I shall be known as Runu Lata Pallai for all purpose.

**Runu Lata Pallai**

# କରୋନା ଛଡ଼ାଇ ନେଲା ପାଠ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ସଂଜୟ'



ଉଦଳା , ୫/୯ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହା ପଂଚାୟତ ଅନ୍ତର୍ଗତ ତାଳସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଶିବାନ ମୁର୍ମୁ ଓ ମାତା – ବାରି ମୁର୍ମୁଙ୍କ ପୁତ୍ର 'ସଂଜୟ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ସଂଜୟ ଗ୍ରାମ ନିକଟରେ ଥିବା କୁକୁରଡ଼ିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣି ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ପାଠ ପଢ଼ିବେ ଓ ବିଦ୍ୟାଳୟକୁ ନିୟମିତ ଯିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେଲେ । ଏଥିପାଇଁ ମୋଟା ଅଙ୍କରେ ଦରମା ନେଇ ନିୟୋଜିତ ଥିବା ସରକାରୀ ବାବୁ ମାନଙ୍କର କାର୍ଯ୍ୟକଳାପ ଯେ ଆଦୌ ସନ୍ତୋଷ ଜନକ ନୁହେଁ ତାହା ସଂଜୟଙ୍କ ପରି ପିଲାଙ୍କୁ ଦେଖିଲେ ବେଶ ଭଲ ଭାବରେ ବୁଝି ହେବ । ବର୍ତମାନ ସଂଜୟଙ୍କୁ ବୟସ ୧୫ ବର୍ଷ ଛୁଇଁଲା । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି । ପିତା ଶିବାନ ମୁର୍ମୁ, ଆଉଥରେ ସଂଜୟଙ୍କୁ ପାଠ ପଢ଼ାଇବାକୁ ହେଲେ ତାଙ୍କୁ କୌଣସି ହଷ୍ଟେଲରେ ରଖି ପାଠ ପଢ଼ିବାର ବ୍ୟବସ୍ଥା କରିଦେବାକୁ ଅନୁରୋଧ ଜଣାଇଛନ୍ତି । ପିତା ଶିବାନ ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଏତିକି ବେଳେ ପଇସା ଖର୍ଚ୍ଚ କରି ପିଲାଙ୍କୁ ପାଠ ପଢ଼ାଇବାକୁ ସେ ଆଦୌ ସକ୍ଷମ ନୁହଁନ୍ତି ବୋଲି ଜଣାଇଛନ୍ତି । ଏହିଭଳି ଗରିବ ଗୁରୁବା ପିଲାଙ୍କ ପାଇଁ ଆଜି ସରକାରୀ ବିଦ୍ୟାଳୟ ଗୁଡ଼ିକ ବଂଚି ରହିଥିବାର କଥା ବହୁ ଲୋକ ମତ ଦେଇଛନ୍ତି । ସମଗ୍ର କପ୍ତିପଦା ଉପଖଣ୍ଡରେ ଶହ ଶହ ସଂଖ୍ୟାରେ ଆଦିବାସି ପିଲା ପାଠ ପଢ଼ା ଅଧାରୁ ଛାଡୁଥିବା ବେଳେ ଏଠାରେ ଆଇ.ଟି.ଡ଼ି.ଏ. କାର୍ଯ୍ୟାଳୟ ଟି ରହି କରୁଛି କଣ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି ।

# ଶାନ୍ତିକାନନରେ ଶିଶୁଉତ୍ସବ

ବାଲେଶ୍ୱର, ୫/୯ (ନି.ପ୍ର): ବୁଧବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ତଥା ରେମୁଣାସ୍ଥିତ ମହାବୀର ହାଇସ୍କୁଲ ପ୍ରଯୋଜନାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠଙ୍କ ଅଧକ୍ଷତାରେ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଯଶସ୍ୱୀ କବୟିତ୍ରୀ ମନୋରମା ବିଶ୍ୱାଳ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ପ୍ରାଧ୍ୟାପିକା ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବୀର ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଫକୀରମୋହନଙ୍କ ରଚିତ ଗଳ୍ପ 'ସଭ୍ୟ ଜମିଦାର'ର ନାଟ୍ୟରୂପ ପ୍ରଦର୍ଶିତ ହୋଇଥିଲା। ରାଧାରଂଜନ ଦାସ ଗଳ୍ପଟିକୁ ନାଟ୍ୟରୂପ ଦେଇଥିବାବେଳେ ଡ. ଭାଗବତ ପ୍ରସାଦ ଦାସଙ୍କ ନିର୍ଦ୍ଦେଶନାରେ ବିନୋଦ କୁମାର ଗିରି, ଅମରେନ୍ଦ୍ର ରାଉଳ, ହରିଶଙ୍କର ମଣ୍ଡଳ, ଅନିମେଶ ମହାନ୍ତି, ଅନନ୍ତ ଦାସ, ଦେବାଶିଷ ସିଂହ, ହିମାଂଶୁ ବାରିକ, ଅଲିଭା ପ୍ରିୟଦର୍ଶିନୀ ପାଲ ଓ ରତ୍ନପର୍ଣ୍ଣା ମିଶ୍ର ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ସେହିପରି ସୁଚିସ୍ମିତା ବେହେରା, ଅର୍ପିତା ରାଉତ ଓ ମାନିନୀ ମନିକା ଦାସଙ୍କ ମିଳିତ ନିର୍ଦ୍ଦେଶନାରେ ସିମରନ, ଗାୟତ୍ରୀ, ଜ୍ୟୋତିରେଖା, ବର୍ଷାରାଣୀ, ସୁଜାତା, ସୌମ୍ୟାରଜନୀ, ମାହେଶ୍ୱରୀ, ବିଜୟଲକ୍ଷ୍ମୀ, ଭାଗ୍ୟଶ୍ରୀ, ବିନିସ୍ମିତା, ସାନଭି, ଲକ୍ଷ୍ମୀପ୍ରିୟା, ନବ୍ୟଜ୍ୟୋତି, ଦିବ୍ୟାଂଶି, ସଦାଶିବ, ବିଷ୍ଣୁମୋହନ ଓ ଭାବବିନୋଦ ନୃତ୍ୟପରିଷଣ କରିଥିଲେ। ସପ୍ତମ ଶ୍ରେଣୀର ଛାତ୍ର ଦେବାଶିଷ ସିଂହ କବି ବ୍ରଜନାଥ ରଥଙ୍କର ଗୋଟିଏ କବିତା ଆବୃତ୍ତି କରିଥିଲେ। ସନାଭାଇ ନାଟକରେ ରୂପସଜ୍ଜାର ଦାୟିତ୍ୱ ନିର୍ବାହ କରିଥିବାବେଳେ ବିଦ୍ୟାଳୟର ସଂପାଦକ ରାଧାଗୋବିନ୍ଦ ମହାର୍ଣ୍ଣା ଓ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ତାମିଲବାବୁଙ୍କ ପାଇଁ ...

ସିମେଂଟର ଦାୟିତ୍ୱ । ଠିକ୍ ସେମିତି ଏବେ ବିଜେପିର ସ୍ଥାୟିତ୍ୱ ତାମିଲବାବୁଙ୍କ ଦାୟିତ୍ୱ । ତେବେ ତାମିଲମାନେ ସବୁ ତାମିଲଙ୍କୁ କହୁନୁ କି ଅଣଓଡ଼ିଆ ମାନେ ସବୁ ଅଣଓଡ଼ିଆଙ୍କୁ ଆକ୍ଷେପ କରୁନାହୁଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ତାମିଲବାବୁ(ପାଣ୍ଡିଆନ) ଯେତେଦିନ ପର୍ଯ୍ୟନ୍ତ ଏରୋଡ୍ରମ ଫିଲଡ୍ (ନବୀନ ନିବାସ) ଆଡ଼େ ଯାଉଥିବେ ଆମକୁ କେହି ଟ୍ରେଜେରୀ ବେଂଚରୁ ହଟାଇପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି ମଧ କହିଚନ୍ତି ଯେ, ବିଜେଡି ସରକାରରେ ଜଣେ ଛାୟା ଓ ଜଣେ କାୟା ମୁଖ୍ୟମନ୍ତ୍ରୀ ଥିଲେ । ଛାୟା ମୁଖ୍ୟମନ୍ତ୍ରୀ ସାଜିଥିଲେ ଜଣେ ଅଫିସର, ଯିଏ କେବେ ବିଧାନସଭା ଆସିନାହାନ୍ତି । କାୟା ମୁଖ୍ୟମନ୍ତ୍ରୀ ବି ନିଜେ ବିଧାନସଭାକୁ ଆସନ୍ତି ନାହିଁ । ଯାହା ଆମେ ତାଙ୍କୁ ଟିଭିରେ ଦେଖୁ । ଏବେ ବିଧାନସଭାରେ ଗତକିଛି ଦିନ ହେଲା ୨୪ବର୍ଷ, ତାମିଲ, ଅଣଓଡ଼ିଆ ଓ ଓଡ଼ିଆ ଅସ୍ମିତା ଭଳି ଶବ୍ଦ ବାରମ୍ବାର ଶୁଣିବାକୁ ମିଳୁଛି । ଯାହାକି ଗିନିଜ୍ ବୁକ ରେକର୍ଡରେ ବୋଧହୁଏ ସ୍ଥାନ ପାଇବ । ଆମେ ଏମିତି ଆଗକୁ ୫ବର୍ଷ ମଧ କହିବୁ । ତେବେ ଏଭଳି ଆକ୍ଷେପ ସବୁ ତାମିଲ କିମ୍ବା ସବୁ ଅଣଓଡ଼ିଆଙ୍କ ପାଇଁ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେହିପରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ବୟାନକୁ କଟାକ୍ଷ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ଜୁନ୍ ୫ତାରିଖରେ ବିଜେଡି ହାରିଲା ପରେ ତାମିଲବାବୁଙ୍କୁ ଏରୋଡ୍ରମ ଫିଲଡରେ ଦେଖି ବିରୋଧୀ ଦଳ ନେତା ବୋଧହୁଏ ଏହି ଗୀତ ଗାଇଥିବେ । "ହୃଦୟର ଏଇ ଶୂନ୍ୟତାକୁ ଯଦି ଆଜି ପଚାରି ମୁଁ ଯେବେ ଶୁଣେ, ପ୍ରତାରଣା କିଏ କାହାକୁ ଦେଇଛି ପ୍ରତିଧ୍ୱନି କୁହେ ତୁମେ ତୁମେ.... ।" ବୋଲି ଶ୍ରୀ ପ୍ରଧାନ କଟାକ୍ଷ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଆଜି ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୩୧୬୮.୮୪ କୋଟି ଟଙ୍କାର ଖର୍ଚ୍ଚଦାବି ଉପରେ ଆଲୋଚନା ପରେ ଏହା ପାରିତ ହୋଇଛି ।

### ୧୭ବର୍ଷ ଧରି ପୋଲାଭରମକୁ...

ନୂଆ କାହାଣୀମାନ ତିଆରି କରିଥିଲା । ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ପୋଲାଭରମ ପ୍ରକଳ୍ପ'କୁ ନେଇ ଲିଖିତ ଉତ୍ତର ରଖିବା ପରେ ବିଗତ ୧୭ବର୍ଷ ମଧରେ ତତକାଳୀନ ନବୀନ ସରକାର ପୋଲାଭରମ ପ୍ରକଳ୍ପକୁ ନେଇ କରୁଥିବା ରାଜନୀତି ପଦାରେ ପଡ଼ିଛି ତଥା ବିଜେଡିର ରାଜ୍ୟବାସୀଙ୍କ ସହ ଛଳନା ମଧ ସ୍ପଷ୍ଟ ହୋଇଛି । ଏପରିକି ପୋଲାଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର କେତେ ଅଂଚଳ ଜଳମଗ୍ନ ହେବ ଓ କେତେ ବନ୍ୟା ଜଳ ରାଜ୍ୟ ଭିତରକୁ ପ୍ରବେଶ କରିବ ତା'ର ଅନୁଧ୍ୟାନ ଏକ ପ୍ରତିଷ୍ଠିତ ଏଜେନ୍ସୀ ଦ୍ୱାରା କରାଇବା ନିମନ୍ତେ ଗତ ବର୍ଷକ ତଳେ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟମ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ ମଧ ତାହା ବି ସମ୍ଭବପର ହୋଇପାରିନଥିବା ଜଣାପଡ଼ିଛି । ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ଏବେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ପୋଲାଭରମ ପ୍ରକଳ୍ପ ନିର୍ମାଣାଧୀନ ଅଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ମୋଟୁ ତହସିଲର ସାବେରୀ ନଦୀର ବାମପାର୍ଶ୍ୱରେ ଓ ସିଲେରୁ ନଦୀର ଦକ୍ଷିଣ ପାର୍ଶ୍ୱରେ କିଛି ଅଂଚଳ ଜଳମଗ୍ନ ହେବା ବିଷୟରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି)ଙ୍କ ସହ ବୈଷୟିକ ଆଲୋଚନା ଜାରି ରହିଛି । ଜଳମଗ୍ନ ହେବା ସମ୍ଭାବନା ଥିବା ଅଂଚଳର ଆକଳନ ହେଲା ପରେ ସଠିକ୍ ତଥ୍ୟ ଜଣାପଡ଼ିବ । ପୋଲାଭରମ ବିବାଦରେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବିବାଦର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି ଯେ, ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କେତେ ଅଂଚଳ ଜଳମଗ୍ନ ହେବ ଓ କେତେ ପଛୁଆ ଜଳ ଓଡ଼ିଶାରେ ପ୍ରବେଶ କରିବ ତା'ର ଆକଳନ ଓ ବିଶ୍ୱସନୀୟ ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ନାହିଁ । ଯଦିଓ ୨୦୦୬ରେ ସିଡବ୍ଲୁସିଙ୍କ ଦ୍ୱାରା ପୋଲାଭରମ ପ୍ରକଳ୍ପ ନିର୍ମାଣର ସଂଶୋଧିତ ଡିଜାଇନ(୩୬ଲକ୍ଷ କ୍ୟୁସେକ ଜଳ ପରିବେର୍ତ୍ତ ୫୦ଲକ୍ଷ କ୍ୟୁସେକ ବନ୍ୟା ଜଳ)କୁ ଅନୁମୋଦନ ମିଳିବା ପରେ ଓଡ଼ିଶା ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପରେ ୨୦୧୫ ମସିହାରେ ପୋଲାଭରମକୁ ଜାତୀୟ ପ୍ରକଳ୍ପର ମାନ୍ୟତା ମିଳିଥିଲା, ଯାହାକୁ ପୁଣିଥରେ ବିରୋଧ କରି ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ସଂଶୋଧିତ ପିଟିସନ ଦାଖଲ କରିଥିଲେ । ମାତ୍ର ଏସବୁ ସତ୍ତ୍ୱେ ଓଡ଼ିଶା ସରକାର ନିଜସ୍ତରରେ ପୋଲାରଭମ ପ୍ରକଳ୍ପ ପାଇଁ ରାଜ୍ୟର କେତେ ଅଂଚଳ ଜଳମଗ୍ନ ହେବ ତା'ର ନିରପେକ୍ଷ ଅଧୟନ ରିପୋର୍ଟ ପ୍ରସ୍ତୁତ କରିବାରେ ସକ୍ଷମ ହୋଇନଥିଲେ । ଅବଶ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ ଏମ୍ . ଗୋପାଳକ୍ରିଷ୍ଣନ୍ ପୋଲାଭରମ ଡିଜାଇନକୁ ନେଇ ଜଳମଗ୍ନ ଅଂଚଳ ଓ ପଛୁଆ ଜଳ ଅଂଚଳର ବିସ୍ତୃତ ଅଧୟନ ରିପୋର୍ଟକୁ ୨୦୧୧ ମସିହା ଜୁନ୍ ମାସରେ କୋର୍ଟରେ ଦାଖଲ କରିଥିଲେ । ଆଉ ଏହି ରିପୋର୍ଟ ଉପରେ ଚୁପ୍ ବସିଥିବା ରାଜ୍ୟ ସରକାର ପ୍ରାୟ ଗତବର୍ଷ ସେପଟ୍ମେର ୧ତାରିଖରେ ନିଜର ଲିଗାଲ୍ ଟିମକୁ ଏକ 'ୟୁଓଆଇ' ପଠାଇ ସୁପ୍ରିମକୋର୍ଟରେ 'ଅନୁପାଳନ ସତ୍ୟପାଠ(କମ୍ପ୍ଲାଏନସ ଆଫିଡେଭିଟ୍)' ଦାଖଲ କରିବାକୁ କହିଥିଲେ । କିନ୍ତୁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟମ ଏହି ଆଫିଡେଭିଟ୍ ଦାଖଲ ପୂର୍ବରୁ କେତେ ଅଂଚଳ ଜଳମଗ୍ନ ଓ କେତେ ପଛୁଆ ପାଣି ଆସିବାର ଅଛି ତା'ର ଆକଳନ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା କରାଇବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଆଉ ରାଉରକେଲା ଏନଆଇଟି ପ୍ରଫେସରମାନଙ୍କ ଦ୍ୱାରା ଏହି ଅନୁଧ୍ୟାନ ପାଇଁ ମଧ ୨୦୨୩ ସେପଟ୍ମେର ୧୫ତାରିଖରେ ନିଜର ସହମତି ଦେଇଥିଲେ ।

### ଶିବାଜୀଙ୍କ ଷ୍ଟାଚ୍ୟୁ ଭୁଶୁଡ଼ିବା ...

ବିଜେପି-ଏନସିପି ଓ ଶିବସେନା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟ କରିଛି। କାରଣ ପ୍ରଧାନମନ୍ତ୍ରୀ ମୋଦି ନିଜେ ମାତ୍ର ୯ ମାସ ତଳେ ଶିବାଜୀଙ୍କ ଉକ୍ତ ୩୫ ଫୁଟ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଭୁଶୁଡ଼ିବା ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି କ୍ଷମା ମାଗିଥିବାରୁ ରାହୁଲ ଗାନ୍ଧି କହିଛନ୍ତି, "ଭୁଲ କରୁଥିବା ଲୋକ କ୍ଷମା ମାଗନ୍ତି। ଯଦି ଆପଣ କିଛି ଭୁଲ କରି ନାହାନ୍ତି, ତା'ହେଲେ କ୍ଷମା କାହିଁକି ମାଗୁଛନ୍ତି ? ସେ କାହିଁକି କ୍ଷମା ମାଗିଥିଲେ, ସେକଥା ମୁଁ ବୁଝିବାକୁ ଚାହୁଁଛି। ପ୍ରଥମତଃ ପ୍ରଧାନମନ୍ତ୍ରୀ ମୋଦି ପ୍ରତିମୂର୍ତ୍ତି ନିର୍ମାଣ କାମ ଜଣେ ଆରଏସଏସ କ୍ୟାଡରଙ୍କୁ ଦେଇଥିଲେ। ସମ୍ଭବତଃ ଏବେ ସେ(ମୋଦି) ଭାବୁଛନ୍ତି, ଏହା ତାଙ୍କର କରିବାର ନଥିଲା।" ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣାରେ ପୁଲିସ୍ କଣ୍ଟ୍ରାକ୍ଟର ଜୟଦୀପ ଆପଟେ ଓ ନିର୍ମାଣ ପରାମର୍ଶଦାତା ଚେତନ ପାଟିଲଙ୍କୁ ଗିରଫ କରିଛି। ଆପଟେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ବନ୍ଧୁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧି ଆହୁରି କହିଛନ୍ତି, "ଦ୍ୱିତୀୟ କାରଣ ସମ୍ଭବତଃ ଦୁର୍ନୀତି। ପ୍ରଧାନମନ୍ତ୍ରୀ ବୋଧେ ଭାବୁଛନ୍ତି ଯେ ଠିକାଦାର ଦୁର୍ନୀତି କରିଛନ୍ତି ଓ ମହାରାଷ୍ଟ୍ରର ଲୋକଙ୍କ ଟଙ୍କା ଲୁଟି ନେଇଛନ୍ତି। ତୃତୀୟ କାରଣ ହେଲା ଆପଣ ସମ୍ଭବତଃ ଶିବାଜୀ ମହାରାଜଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି କଲେ, କିନ୍ତୁ ଏହା କେମିତି ସୁରକ୍ଷିତ ରହିବ ସେକଥା ଚିନ୍ତା କଲେ ନାହିଁ। ମୁଁ ଆପଣମାନଙ୍କୁ ଗ୍ୟାରେଣ୍ଟୀ ଦେବାକୁ ଚାହୁଁଛି ଯେ କଦମଜୀ(ଦିବଂଗତ କଂଗ୍ରେସ ମନ୍ତ୍ରୀ ପି କଦମ)ଙ୍କ ଯେଉଁ ମୂର୍ତ୍ତି ଏଠାରେ ରହିଛି, ତାହା ୫୦ରୁ ୭୦ ବର୍ଷ ଧରି ସେମିତି ରହିଥିବ। ପ୍ରଧାନମନ୍ତ୍ରୀ ଯଦି କ୍ଷମା ମାଗୁଛନ୍ତି, ତା'ହେଲେ କେବଳ ଶିବାଜୀ ମହାରାଜଙ୍କୁ ନୁହେଁ, ବରଂ ମହାରାଷ୍ଟ୍ରର ପ୍ରତିଟି ଲୋକଙ୍କୁ କ୍ଷମା ମାଗନ୍ତୁ।" ଗତ ସପ୍ତାହରେ ପାଲଘର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣରେ ଶିବାଜୀ ମହାରାଜ ଓ ତାଙ୍କ ଅନୁଗାମୀ ମାନଙ୍କୁ କ୍ଷମା ମାଗିଥିଲେ।

### କେଜ୍ରିଓ୍ୱାଲଙ୍କ ଜାମିନ...

ଆଜି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଂ ଏ ଉପରେ ବିଚାର କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସିବିଆଇକୁ କହିଥିଲେ ଯେ, ଜେଲରେ ଥିବା ସମୟରେ ଗିରଫ କରିବା ପାଇଁ କୋର୍ଟଙ୍କ ଅନୁମତି ଆବଶ୍ୟକ। ଯଦି କେଜ୍ରିଓ୍ୱାଲଙ୍କୁ ପୁନଶ୍ଚ ଗିରଫ କରିବାର ଥିଲା, ତେବେ କୋର୍ଟରୁ ଅନୁମତି ନେବାର ଥିଲା। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ କହିଥିଲେ, 'ରାୟ ସଂରକ୍ଷିତ। ଧନ୍ୟବାଦ। ମଙ୍ଗଳବାର ଦେଖାହେବ।' ପ୍ରକାଶ ଥାଉକି, ମଦ ନୀତି ଦୁର୍ନୀତି ମାମଲାରେ ଅର୍ଥ ହେରଫେର ଅଭିଯୋଗରେ କେଜ୍ରିଓ୍ୱାଲଙ୍କୁ ଜାମିନ ମିଳି ସାରିଛି। କିନ୍ତୁ ସିବିଆଇ ତାଙ୍କୁ ଗିରଫ କରିଥିବାରୁ ସେ ଜେଲରେ ଅଛନ୍ତି। ଆଜି ସିବିଆଇ ଗିରଫଦାରୀ ବିରୁଦ୍ଧରେ ଶୁଣାଣି ସରିଛି। ଯଦି ମଙ୍ଗଳବାର ପ୍ରକାଶ ପାଇବାକୁ ଥିବା ସୁପ୍ରିମ ରାୟ କେଜ୍ରିଓ୍ୱାଲଙ୍କ ସପକ୍ଷରେ ଯାଏ, ତେବେ ସେ ଜେଲରୁ ମୁକୁଳିବେ। ଏହି ମାମଲାରେ ପୂର୍ବରୁ ମନୀଶ ସିସୋଦିଆ, ବିଜୟ ନାୟିର, କେ କବିତା ଏବଂ ସଞ୍ଜୟ ସିଂହଙ୍କୁ ଜାମିନ ମିଳି ସାରିଛି।

### ବିଜେପିରେ ମିଶିଲେ...

ତାଙ୍କ ପରେ ଏବେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ରିଭାବା ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ରବୀନ୍ଦ୍ର ଜାଡେଜା ବିଜେପିର ନୂଆ ସଦସ୍ୟ ହୋଇଥିବା ଫଟୋକୁ ଶେୟାର କରିଛନ୍ତି। ରିଭାବା ମଧ ବିଜେପିର ସଦସ୍ୟତା ପୁଣି ଗ୍ରହଣ କରିଥିବା କହିଛନ୍ତି। ସଦସ୍ୟତା ଗ୍ରହଣ କରିବା ପରେ ବିଜେପି ପକ୍ଷରୁ ମିଳୁଥିବା କାର୍ଡକୁ ମଧ ସେ ସାର୍ବଜନୀନ କରିଛନ୍ତି। ସେପଟ୍ମେର ୨ରୁ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ ଦେଶବ୍ୟାପୀ ଆରମ୍ଭ ହୋଇଛି। ବିଜେପି ଅଧକ୍ଷ ଜେପି ନଡ୍ଡା ଏହାକୁ ଶୁଭାରମ୍ଭ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଦଳରେ ଥିବା ତାଙ୍କ ସଦସ୍ୟତାକୁ ନବୀକରଣ କରିଥିଲେ। ଏନେଇ ମୋଦିଙ୍କୁ ମଧ ଗୋଟିଏ ପ୍ରମାଣପତ୍ର ମିଳିଥିଲା। ଏହାପରେ ପୂରା ଦେଶରେ ସଦସ୍ୟତା ସଂଗ୍ରହ ଅଭିଯାନ ଚାଲିଛି। ଏହିକ୍ରମରେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ଜାଡେଜାଙ୍କ ପତ୍ନୀ ୨୦୧୯ରେ ବିଜେପିରେ ମିଶିଥିଲେ। ତାଙ୍କୁ ୨୦୨୨ ଗୁଜରାଟ ନିର୍ବାଚନ ବେଳେ ଜାମନଗରରୁ ଦଳ ପ୍ରାର୍ଥୀ କରିଥିଲା। ସେ ଏଠାରେ ଆପ୍ ପ୍ରାର୍ଥୀଙ୍କୁ ହରାଇଥିଲେ। ଅନ୍ୟପକ୍ଷରେ ଜାଡେଜା କ୍ରିକେଟରୁ ସଂପୂର୍ଣ୍ଣ ଅବସର ନେଇ ନାହାନ୍ତି। ସେ କେବଳ ଟି-୨୦ରୁ ଅବସର ନେଇଥିବା ବେଳେ ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ଏପରି ସ୍ଥିତିରେ ସେ କୌଣସି ରାଜନୀତିକ ଦଳର ସଦସ୍ୟତା ଗ୍ରହଣ କରିବା ସମସ୍ତଙ୍କୁ ଚକିତ କରିଛି।

### ଏନକାଉଣ୍ଟରରେ ଟଳିଲା ...

ବେଳେ ଆଜି ମଙ୍ଗେଶ ଓ ତା'ର ସହଯୋଗୀଙ୍କ ସମ୍ପର୍କରେ ଆଜି ଭୋରରରୁ ସୂଚନା ମିଳିଥିଲା। ମଙ୍ଗେଶକୁ ଟିମ ଦେଖିବା ପରେ ଆତ୍ମସମର୍ପଣ କରିବାକୁ କହିଥିଲା। ହେଲେ ସେ ଏସଟିଏଫ ଟିମ ଉପରକୁ ଗୁଳି ମାଡ଼ କରିଥିଲା। ଏହାର ଜବାବ ମଧ ଏସଟିଏଫ ପକ୍ଷରୁ ଦିଆଯାଇଥିଲା। ଏତିକି ବେଳେ ମଙ୍ଗେଶ ଦେହରେ ଗୁଳି ମାଡ଼ ହୋଇଥିଲା। କିନ୍ତୁ ତା'ର ସହଯୋଗୀ ଘଟଣା ସ୍ଥଳରକୁ ଚମ୍ପଟ ମାରିଥିଲା। ତୁରନ୍ତ ରକ୍ତାକ୍ତ ଅବସ୍ଥାରେ ରହିଥିବା ମଙ୍ଗେଶକୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଥିଲା।

# କପ୍ତିପଦା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ

କପ୍ତିପଦା, ୫/୯ (ନି.ପ୍ର): କପ୍ତିପଦା ବ୍ଲକର ଆଜି ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ବହୁ ଆଡମ୍ବରରେ ଗୁରୁ ଦିବସ ପାଳିତ ହୋଇଯାଇଛି। କପ୍ତିପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିଂରାୟ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଆଜି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀମାନଙ୍କୁ ଫୁଲଚନ୍ଦନ ଦେଇ ପୂଜା କରିଥିଲେ । ସେହିପରି କପ୍ତିପଦା କସ୍ତୁରବା ଗାନ୍ଧୀ ବାଳୀକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀ ଜସ୍ମିତା ଭୂୟାଁ,କପ୍ତିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ବେଜ୍, ଝିଙ୍କପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ନାୟକ,ପେଡାଗଡି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମରଜିତ୍ ସଙ୍ଖୁଆ, ରଥିପୁର ପ୍ରାଥମିକ ବିଦ୍ୟାଳୟର ଅରୁଣା ପାଣିଗ୍ରାହୀ,ଦେବଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ଦଣ୍ଡପାଟ,ଇଟାଗଡ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ନାଥ ଗିରି, ଶରତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାରଥି ଶଙ୍ଖୁଆ,ନେଦାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ଡାକୁଆ, କାମବଣୀ(ଖ) ପ୍ରାଥମିକ ବିଦ୍ୟାଳୟର ପ୍ରଧାଶିକ୍ଷୟତ୍ରୀ ସଂକୁଳତା ବେହେରା, ଆଞ୍ଚଳିକ ।ଚ୍ଚ ବିଦ୍ୟାଳୟ ଭଣ୍ଡାରର ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀ ମହାନ୍ତ, ଦେବାନବାହାଲୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଂଜନ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ବିଦ୍ୟାଳୟମାନଙ୍କରେ ଗୁରୁଦିବସ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି ।

# ବାଇକ ଅଟୋ ମୁହାଁମୁହିଁ ଧକ୍କା: ଦୁଇ ବାଇକ ଆରୋହୀ କଟକ ସ୍ଥାନାନ୍ତରିତ



ନୀଳଗିରି, ୫/୯ (ନି.ପ୍ର): ଗୁରୁବାର ସନ୍ଧ୍ୟା ୭ ଘଟିକା ସମୟରେ ନୀଳଗିରିରୁ ମିତ୍ରପୁର ଅଭିମୁଖେ ଏକ ମଟରସାଇକେଲରେ ମିତ୍ରପୁର ଅଞ୍ଚଳର ରବୀନ୍ଦ୍ର ମହାକୁଡ଼ (୫୫) ବେଗୁନିଆ ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ପୁଅ ପ୍ରିୟ ରଞ୍ଜନ ଜେନା (୧୭) ଗୋପୀନାଥପୁର ରେଳ ଷ୍ଟେସନରେ ଓଲ୍ହାଇବା ପରେ ଉକ୍ତ ଦୁଇଜଣ ଘରକୁ ଯାଉଥିବା ବେଳେ ମିତ୍ରପୁରରୁ ନୀଳଗିରି ଅଭିମୁଖେ ଏକ ଅଟୋ ଚଳାଇ ଆସୁଥିବା ଧୋବାଶିଳା ଗ୍ରାମର ମିଥୁନ ସିଂଙ୍କ ଅଟୋ ଓ ବାଇକ୍ ଆରୋହୀଙ୍କ ମଧ୍ୟରେ ଧୋବଶିଳା ଛକ ନିକଟରେ ମୁହାଁମୁହିଁ ଧକ୍କା ହେବାରୁ ଉକ୍ତ ଦୁଇ ବାଇକ ଆରୋହୀ ସଂଜ୍ଞାହୀନ ଅବସ୍ଥାରେ ସ୍ଥାନୀୟ ଗ୍ରାମବାସିଙ୍କ ଦ୍ୱାରା ଉଦ୍ଧାର କରି ନୀଳଗିରି ଡାକ୍ତରଖାନାକୁ ଅଣାଯାଇ ଆସୁ ଚିକିତ୍ସା କରିବା ପରେ ଅବସ୍ଥା ଉଦବେଗ ଜନକ ଥିବାରୁ ପ୍ରିୟରଞ୍ଜନ ଙ୍କୁ ଭୁବନେଶ୍ୱର ସ୍ଥିତ ଅଶ୍ୱିନୀ ହସ୍ପିଟାଲ ଏବଂ ରବୀନ୍ଦ୍ରକୁ କଟକ ବଡ଼ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଛି । ଉଭୟଙ୍କ ମୁଣ୍ଡ, ଗୋଡ଼, ଛାତି, ହାତରେ ଶକ୍ତ ଆଘାତ ଲାଗି ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଅଟୋ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ଭଦ୍ରକ, ୫/୯ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓକରା ହାଇସ୍କୁଲ, ଅର୍ଣ୍ଣପାଳ, ଭଦ୍ରକଠାରେ ପୋସ୍କୋ ଆକ୍ଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ଏଥିରେ ଅଂଶୁମାନ ଦ୍ୱିବେଦୀ, ସି.ଟି.ଡି.ଏସ.ପି. ଭଦ୍ରକ, ବନ୍ଦନା ଦେବୀ, ଇନ୍‌ସ୍ପେକ୍ଟର ଭାବରେ ସାଇବର କ୍ରାଇମ, ପୂର୍ଣ୍ଣିମ ଦାସ, ପ୍ରଧାନ ଶିକ୍ଷୟିତ୍ରୀ, ଓକରା ହାଇସ୍କୁଲ, ଅର୍ଣ୍ଣପାଳ ଭଦ୍ରକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲର ଛାତ୍ର-ଛାତ୍ରୀମାନଙ୍କୁ ପୋସ୍କୋ ଆଇନ ବିଷୟରେ ସେଚେତନ କରାଇଥିଲେ। କୋମଳମତୀ କନ୍ୟାଟିଏ କିପରି ଯୌନ ଶୋଷଣର ଶିକାର ହୋଇ ତାର ମାନସିକତା ସଂପୂର୍ଣ୍ଣ ଦୁର୍ବଳ ହେବା ସହ ମୃତ୍ୟୁ ମୁଖକୁ ଚାଲିଯାଉଛି ସେହିସବୁ ଉପରେ ଆଧାରିତ ଏକ ଗୀତିନାଟ୍ୟ ଯାହାକି ସେହି ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ଅଭିନୟ ବେଶ୍ ଆଦୃତ ହୋଇଥିଲା। ପିଲାମାନଙ୍କୁ ସଦାସର୍ବଦା ନିଜକୁ ସୁରକ୍ଷିତ ରଖିବା

# ଗଣେଶ ପୂଜା ଓ ପ୍ରଫେଟ ମହମ୍ମଦ ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୫/୯ (ନି.ପ୍ର): ଆସନ୍ତା ଗଣେଶ ପୂଜା ଓ ପ୍ରଫେଟ ମହମ୍ମଦ ଜୟନ୍ତୀକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନନୀୟା ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ସଦର ଏସ.ଡି.ପି.ଓ ଡ଼. ସଶାଙ୍କ ଶେଖର ବେଉରା, ସିଟି ଡିଏସପି ଶ୍ରୀ ଶୁଭ୍ରାଂଶୁ ଶେଖର ନାୟକ, ମାନ୍ୟବର ସାଂସଦ (ବାଲେଶ୍ୱର)ଙ୍କ ପ୍ରତିନିଧି ଓ ମାନ୍ୟବର ବିଧାୟକ (ସଦର)ଙ୍କ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏଥି ସହିତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ କିଭଳି ସୁରୁଖୁରୁରେ ଆଗାମୀ ପର୍ବପର୍ବାଣି ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ମତ ପ୍ରକାଶ କରିଥିଲେ ଓ ଅନୁରୂପ ଭାବରେ ଶାନ୍ତି ଶୃଙ୍ଖଳା ରକ୍ଷା କରି ଉତ୍ସବକୁ ଭାଇଚାରା ସହ ପାଳନ କରିବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଗଣେଶ ପୂଜା ଅବସରରେ ୪ ଗୋଟି ବର୍ଗ ଯଥା ଶ୍ରେଷ୍ଠ ଶୃଙ୍ଖଳିତ ମେଢ଼, ଶ୍ରେଷ୍ଠ ପାରମ୍ପରିକ ବାଦ୍ୟ, କଳା, ସଂସ୍କୃତି ମେଢ଼, ଶବ୍ଦ ପ୍ରଦୂଷଣ ମୁକ୍ତ ମେଢ଼ ଓ ଶ୍ରେଷ୍ଠ ସାମ୍ପ୍ରଦାୟିକ ସଦ୍ଭାବନା ପ୍ରଦର୍ଶିତ ମେଢ଼ ଅନ୍ତର୍ଗତ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି ଓ ପୂର୍ବ ବୈଠକ ନିଷ୍ପତ୍ତି ଅନୁଯାୟୀ ପୂଜା ମଣ୍ଡପ ଓ ଭସାଣି ବେଳେ ବଫର ଓ ଲେଜର ଲାଇଟ ଉପରେ କଟକଣା ଲଗାଯାଇଛି ଓ ଡିଜେ ଉପରେ ସମ୍ପୂର୍ଣ୍ଣ କଟକଣା ଲଗା ଯାଇଛି ଓ ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ। ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତଶସ୍ତ୍ର ବ୍ୟବହାର ଓ ଆତସବାଜି ଉପରେ ମଧ୍ୟ ସମ୍ପୂର୍ଣ୍ଣ କଟକଣା ଲଗା ଯାଇଛି । ସିଟି ଡିଏସପି ଶ୍ରୀ ନାୟକ ମଞ୍ଚ ପରିଚାଳନା କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସଭାକୁ ସୂଚନା ଦେଇଥିଲେ । ଆସନ୍ତା ଗଣେଶ ପୂଜା ଓ ପ୍ରଫେଟ ମହମ୍ମଦ ଜୟନ୍ତୀକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ମଞ୍ଚସ୍ଥ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଆସନ୍ତା ୧୪ ତାରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୫/୯ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧୀକରଣର ସଚିବ ନେହା ଅଗ୍ରୱାଲ ସୂଚନା ଦେଇଛନ୍ତି ଯେ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତ ମାସ ୧୪ ତାରିଖ ଦିବା ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଜନିତ ମାମଲାଗୁଡ଼ିକର ଫଇସଲା କରାଯିବ। ଦରିଦ୍ର, ନିପ୍ପେଶିତ ଓ ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକମାନେ ଏହି ଅଦାଲତରେ ଯେପରି ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମା ଗୁଡ଼ିକର ଫଇସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାର, ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ। ସେଥିପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପ୍ରଚେଷ୍ଟା ଜାରି ରଖିଛି। ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନହୋଇ ଏ ଦିଗରେ ଆଗେଇ ଆସିବାକୁ ନିବେଦନ କରାଯାଇଛି। ଏହାଦ୍ୱାରା ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ନେହା ଅଗ୍ରୱାଲ ଆଶା ପୋଷଣ କରିଛନ୍ତି।

# ଆବୁ ଧାବିରୁ ଫେରିଲେ ଫସିଥିବା ଓଡିଆ ଯୁବକ

ଭୁବନେଶ୍ୱର, ୫/୯ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଆବୁ ଧାବୀରେ ଫସିଥିବା ଓଡିଆ ଯୁବକ ରାଜୀବ କୁମାର ପରିଡା ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରିଛନ୍ତି । ରାଜୀବଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଗତ ଜୁଲାଇ ୨୭ ତାରିଖରେ ଏକ ଚିଠି ଲେଖି ନିବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗ୍ରାମ ପଂଚାୟତର ବିଲିକଣା ଗ୍ରାମର ରବୀନ୍ଦ୍ର ନାରାୟଣ ପରିଡାଙ୍କ ସାନ ପୁଅ ରାଜୀବ ପରିଡା ୨୦୦୮ ରୁ ଆବୁ ଧାବିର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କମ୍ପାନୀ କର୍ତୃପକ୍ଷ ୨୦୨୧ ମସିହାରେ ରାଜୀବଙ୍କୁ ଚାକିରିରୁ ଅବ୍ୟାହତି ଦେଇଥିଲେ ଏବଂ ବକେୟା ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ଦେବା ପର୍ଯ୍ୟନ୍ତ ରହିବା ଏବଂ ଖାଇବାକୁ ଦେବାକୁ ପ୍ରତିଶୃତି ଦେଇଥିଲେ କିନ୍ତୁ ହଠାତ ଖାଇବାକୁ ଦେବା ବନ୍ଦ କରିଦେଇଥିଲେ ଏବଂ ଭିସା ଓ ପାସପୋର୍ଟ ଫେରାଇନଥିଲେ।

# ବସ୍ତାରେ ଟ୍ରେନରୁ ଖସି ବୃଦ୍ଧ ମୃତ



ବସ୍ତା, ୫/୯ (ନି.ପ୍ର): ବସ୍ତା ରେଳ ଷ୍ଟେସନର ଅଳ୍ପ ଦୂର ଉତ୍ତର ଦିଗ ରେ ଟ୍ରେନରୁ ଖସି ଜଣେ ବୃଦ୍ଧ ଯାତ୍ରୀଙ୍କର ମୃତ୍ୟୁ ଘଟିଛି।ସୂଚନାରୁ ପ୍ରକାଶ ଯେ ଗତ ରାତିରେ କୌଣସି ଟ୍ରେନରେ ଯାଉଥିବା ଏହି ଯାତ୍ରୀ ଜଣକ ତଳକୁ ଖସି ପଡ଼ିଥିଲା। ଆଜି ସକାଳେ ଖବର ପାଇ ବସ୍ତା ଅଗ୍ନି ଶମ ବାହିନୀ ଘଟଣା ସ୍ଥଳ ରେ ପହଞ୍ଚି ଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତର ଖନା ରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରଚେଷ୍ଟା ସତ୍ତ୍ୱେ ତା 'ର ଜୀବନ ରକ୍ଷା କରାଯାଇପାରି ନ ଥିଲା। ତେବେ ସେ କଥା କହି ପାରୁ ନଥିବା ଯୋଗୁଁ ତା'ର ପରିଚୟ ଜଣାପଡି ନଥିଲା। ତା ' ପାଖରେ ମଧ୍ୟ କୌଣସି ପରିଚୟ ପତ୍ର ନ ଥିଲା। ପରେ ରେଳବାଇ ପୁଲିସ କେଶ ନଂ ୭୬ /୨୦୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହିତ ମୃତ ଦେହ ବ୍ୟବଛେଦ କରାଇଛନ୍ତି। ତଥାପି ତାକୁ ଚିହ୍ନଟ ପାଇଁ ରଖାଯାଇଛି।

# ଦ୍ୱାରଶୁଣି ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୪- ଏମ୍ ସି ଏମ୍ ଫୁଟବଲ ଟିମ୍ ଚମ୍ପିୟାନ ସହିତ ତିରିଶି ହଜାର ଟଙ୍କାର ପୁରସ୍କାର



ବାରିପଦା , ୫/୯ (ନି.ପ୍ର): ଚଳିତ ବର୍ଷ ଦୁଆରଶୁଣି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବାରିପଦାସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଫାଇନାଲ ଖେଳରେ ୱେଷ୍ଟ ବେଙ୍ଗଲ ଫ୍ରେଣ୍ଡ୍ ୟୁନାଇଟେଡ କୁ ୨-୦ ଗୋଲ ରେ ପରାସ୍ତ କରି ଚମ୍ପିୟାନ ହୋଇଛି। ପୁରସ୍କାର ହିସାବରେ ଟ୍ରଫି ଏବଂ ତିରିଶି ହଜାର ଟଙ୍କାର ପୁରସ୍କାର ରାଶି ଏମ୍ ସି ଏମ୍ ଫୁଟବଲ ଟିମ୍ କୁ ମିଳିଛି। ପୂର୍ବତନ ବାଙ୍ଗିରିପୋଷି ବ୍ଲକ ଚେୟାରମେନ ସୁବୋଧ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇ ବିଜୟୀ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଟିମ୍ ର ଅଧିନାୟକ ଶ୍ରୀରାମ ମୁର୍ମୁ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅଧ୍ୟାପକ ରଞ୍ଜିତ ମାରାଣ୍ଡି ଟିମ୍ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଖେଳାଳି ମାନଙ୍କୁ ଧନ୍ୟବାଦ୍ ଓ ଶୁଭକାମନା ଜଣାଇଥିଲେ।

# ବାଲିଆପାଳରେ ତହସିଲରେ ଗୁରୁଦିବସ



ବାଲିଆପାଳ , ୫/୯ (ନି.ପ୍ର): ବାଲିଆପାଳ ତହସିଲରେ ଆଜି ଗୁରୁ ଦିବସ ଅବସରରେ ଡ଼ଃ ସର୍ବପଲ୍ଲୀ ରାଧା କୃଷ୍ଣନନଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି ।ତହସିଲର ମୁଖ୍ୟ କିରାଣୀ ଭୂତି ଟୁଡୁ, ସୁଧୀର କୁମାର ଭଞ୍ଜ,ନାରାୟଣ ପ୍ରଧାନ, ମୀନା ସିଂ, ଲୋକନାଥ ଜେନା ପ୍ରମୁଖ ପ୍ରାରମ୍ଭରେ ରାଧା କୃଷ୍ଣନନ ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଥିଲା। କର୍ମଚାରୀ ମାନେ ଏହି ଅବସରରେ ରାଧା କୃଷ୍ଣନନଙ୍କ ସ୍ମୃତି ଚାରଣ କରାଯାଇ ଥିଲା। କର୍ମଚାରୀ ମାନେ ତହସିଲଦାର ଜନକ କୁମାର ନାୟକ ଙ୍କୁ ଗୁରୁ ମାନ୍ୟ କରି ଫୋଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରି ଥିଲେ।

# ପାଣିରେ ପଡି ନାବାଳିକା ମୃତ

କପ୍ତିପଦା, ୫/୯ (ନି.ପ୍ର): ଶରତ ଥାନା ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ସର୍ଦୁସାହି ଗ୍ରାମର ଜଣେ ନାବାଳିକା ପାଣିରେ ପଡି ମୃତବରଣ କରିଥିବାର ଜଣାପଡିଛି । ଖବରୁ ପ୍ରକାଶ ଉକ୍ତ ଗ୍ରାମରୁ ଏକ କିଲୋମିଟର ଦୂର ଅଙ୍ଗନବାଡି କେନ୍ଦ୍ରକୁ ଡିସିଙ୍ଗ ପୂର୍ତ୍ତିଙ୍କ ଦୁଇ ଝିଅ ସିଲୁ ଓ ଜଙ୍ଗା ପୂର୍ତ୍ତି ଯାଆନ୍ତି । ଅଙ୍ଗନବାଡି କେନ୍ଦ୍ରରୁ ଘରକୁ ଫେରିବା ବାଟରେ ଗୋଡ ଧୋଇବା ପାଇଁ ଏକ ଗଡିଆକୁ ଯାଇଥିଲେ । ସାନ ଝିଅ ଜଙ୍ଗାର ଗୋଡ ଖସି ଯିବାରୁ ପାଣି ଭିତରକୁ ଚାଲିଯାଇଥିଲା । ପରିବାର ଲୋକେ ଖବର ପାଇ ପାଣିରୁ ଜଙ୍ଗାକୁ ଉଦ୍ଧାର କରିଥିଲେ ହେଁ ତାର ମୃତ୍ୟୁ ହୋଇଯାଇଥିଲା । ଏ ସଂପର୍କରେ ଶରତ ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ୧୧/୨୪ରେ ରୁଜୁ କରି ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି ।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ



ବାଲେଶ୍ୱର, ୫/୯ (ନି.ପ୍ର): ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କଠାରେ ଆଜି ପୂର୍ବାହ୍ନ ଘ. ୧୧ ମି ସମୟରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ- ୨୦୨୪ ଅନୁଷ୍ଠିତ ହୋଇଯାଇଛି ଓ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ, ଡି.ଆଇ.ଇ.ଟି, ଅଧ୍ୟକ୍ଷା ଶ୍ରୀମତୀ ଜୟଶ୍ରୀ ବୋଷ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରାଚୀ ତନୟା ଗିରି ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ବିକାଶ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ କି ଏକାଗ୍ରତା, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସକୁ ପାଥେୟ କରିପାରିଲେ ଜଣେ ନିଶ୍ଚୟ ବଡ଼ ମଣିଷ ହୋଇପାରିବ ଓ ଶିକ୍ଷିତ । ସାକ୍ଷର ମଧ୍ୟରେ ପାର୍ଥକ୍ୟ ବୁଝି ସମାଜର କଲ୍ୟାଣ ହେତୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଓ ସେହି ଭଳି ସମସ୍ତ ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଅତୀତର ମହାନ ଗୁରୁମାନଙ୍କର ସ୍ମୃତି ଚାରଣ କରିଥିଲେ। ବର୍ତ୍ତମାନ ଜୀବନରେ କଠିନ ପରିଶ୍ରମ କରି ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାସ୍ତରୀୟ ଏକାଡେମିକ ବର୍ଗରେ ୧୮୭, ବ୍ଲକସ୍ତରୀୟ ଏକାଡେମିକ ବର୍ଗରେ ୧୨୨୪ ଏବଂ ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି ବର୍ଗରେ ୨୭ ଜଣ ସମ୍ବର୍ଦ୍ଧିତ ହୋଇଥିଲେ ଓ ବାହାନଗାର ମୋଟ ୧୧୩ ଜଣ, ବାଲିଆପାଳର ୧୬୧, ବସ୍ତାର ୧୨୩, ଭୋଗରାଇର ୧୧୮, ଜଳେଶ୍ୱରର ୧୨୮, ଖଇରାର ୧୨୧, ନୀଳଗିରିର ୧୧୦, ଊପଦାର ୧୦୫, ରେମୁଣାର ୧୦୯, ବାଲେଶ୍ୱର ସଦରର ୧୧୬, ସିମୁଳିଆର ୧୧୧ ଓ ସୋରର ୧୨୩ ଜଣ ସମ୍ବର୍ଦ୍ଧିତ ହୋଇଥିଲେ ଓ ସମ୍ବର୍ଦ୍ଧିତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମଞ୍ଚସ୍ଥ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ସିଆରସିସି, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ସେମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା । ଏଠାରେ ସୂଚନା ଥାଉ କି, ଅପରାହ୍ନ ଘ. ୧୨.୧୫ ମି ସମୟରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାରେ ହେଉଥିବା ଏହି ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟର୍ଥୀ ସମ୍ବର୍ଦ୍ଧନା ସମାରୋହକୁ ଆଭାସୀ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନ ଠାରୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୁରୁ ଦିବସ ପାଳନ ସମାରୋହ ଅନୁଷ୍ଠିତ



ବଡ଼ସାହି , ୫/୯ (ନି.ପ୍ର): ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୁରୁ ଦିବସ ପାଳନ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି ସଭାପତିତ୍ୱ କରି ଥିଲେ। ମୁଖ୍ୟଅତିଥି ଭାବେ କମଳ ଲୋଚନ ବାରିକ ଯୋଗଦାନ କରି ଗୁରୁ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାତା କାରଣ ଗୁରୁ ହିଁ ଆଲୋକ ବର୍ତ୍ତିକା ସେ ଅନ୍ଧାରରୁ ଆଲୋକ ଆଡ଼କୁ ଆଣି ମୁକ୍ତିର ପଥ ଦେଖାଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସୁମନ କଲ୍ୟାଣ ଦେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ ବିଭିନ୍ନ ଗଳ୍ପ ଉପସ୍ଥାପନ କରି ଥିଲେ। ବକ୍ତା ଭାବେ ଗୁରୁଜୀ ରଣଜିତ୍ ମହାନ୍ତି, କବି କାର୍ତ୍ତିକ ସେଠୀ, ଅତୁଳ୍ୟ ସୁନ୍ଦର ଭଞ୍ଜ ବାବୁ, ଦୀପକ କୁମାର ଦାସ, ବେଣୁଧର ବେହେରା, ରୀନା ଷଡଙ୍ଗୀ, ବିଣାପାଣି ବାରିକ, ବୃନ୍ଦାବତୀ ନାଏକ, ସୋନାକ୍ଷି ଦଣ୍ଡପାଟ, ରଶ୍ମିତା ମହାନ୍ତ, ମଧୁସ୍ମିତା ବାରିକ ଓ ପ୍ରିୟଙ୍କା ମହାନ୍ତ ନିଜ ନିଜ ବକ୍ତବ୍ୟରେ ଯୁଗେ ଯୁଗେ ଗୁରୁଙ୍କ ମହିମା ଓ ଗୁରୁଙ୍କୁ ଭକ୍ତି ଓ ସମ୍ମାନ ଜଣାଇ କିଏ କେଉଁ ଆଶିଷ ଲାଭ କରି ମହାନ ହୋଇ ଯାଇଛନ୍ତି ସେ ମର୍ମରେ ସୂଚନା ପ୍ରଦାନ କରି ଥିଲେ। ଗୁରୁମା ସୌଭାଗ୍ୟବତୀ ରାଉତ, ସବିତା ମହାନ୍ତି, ନିହାରିକା ପାତ୍ର ଓ ଶ୍ୱେତଲିନା ମିଶ୍ରଙ୍କ ଦ୍ୱାରା ଗୁରୁ ପୂଜାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁମା ମଳୟ ମଞ୍ଜରୀ ରଥ ଓ ବର୍ଷାରାଣୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ପିଲାମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଗୁରୁଜୀ ଗୁରୁମାଙ୍କ ନାମରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ୩୦ଟି ବୃକ୍ଷ ରୋପଣ କରି ଥିଲେ। ଶେଷରେ ଶୁଭଜିତ ଶୁଭଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo